
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 APRIL 2023
Vol.No. 34 ■ No. 105 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକଙ୍କୁ ସିବିଆଇ ସମନ



ନୂଆଦିଲ୍ଲୀ, ୨୧/୦୪ : ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିଙ୍କୁ ସିବିଆଇ ସମନ କରିଛି। ଏପ୍ରିଲ ୨୮ ତାରିଖରେ ତାଙ୍କୁ ସିବିଆଇ ଜେରା କରିବାକୁ ଚାହୁଁଥିବା ସମନରେ ଉଲ୍ଲେଖ କରିଛି। ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ ଘଟଣାରେ ସିବିଆଇ ଖୋଳତାଡ଼ କରୁଛି। ଏହି ମାମଲାର ଜଣେ ସାକ୍ଷୀ ଭାବେ ସତ୍ୟପାଳ ମଲିକଙ୍କ ଠାରୁ ସିବିଆଇ ତଥ୍ୟ ହାସଲ କରିବାକୁ ଚାହୁଁଥିବାରୁ ତାଙ୍କୁ ସମନ କରିଛି। ସମନ ସମ୍ପର୍କରେ ସତ୍ୟପାଳ ମଲିକ କହିଛନ୍ତି ଯେ "ସିବିଆଇ ମୋ କିଛି ବୟାନ ଉପରେ ସ୍ପଷ୍ଟୀକରଣ ପାଇଁ ଡାକିଛି। ମୋତେ କେନ୍ଦ୍ରୀୟ ଦିଲ୍ଲୀର ଆକବର ରୋଡ ଗେଷ୍ଟ ହାଉସକୁ ଡକା ଯାଇଛି। ମୁଁ ଏବେ ରାଜସ୍ଥାନ ଯାଉଛି। ତେଣୁ ମୁଁ ସେମାନଙ୍କ ଏପ୍ରି ୨୭ରୁ ୨୯ ମଧ୍ୟରେ ଉପଲବ୍ଧ ହେବି ବୋଲି କହିଛି।" ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିବା ବେଳେ ସତ୍ୟପାଳ ମଲିକ ରିଲାଏନ୍ସ କମ୍ପାନୀର ଗୋଟିଏ ବୀମା ଡିଲ୍‌କୁ ବାତିଲ କରି ଦେଇଥିଲେ। ଜମ୍ମୁ-କଶ୍ମୀରରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ରିଲାଏନ୍ସ ଇନସ୍ୟୁରାନ୍ସ କରାଯିବାର ଥିଲା। ହେଲେ ଏଥିରେ ବ୍ୟାପକ ଦୁର୍ନୀତି ଓ ସେବା ଭଲ ନଥିବା ଅଭିଯୋଗ କରି ଶ୍ରୀ ମଲିକ ଡିଲ୍ ବାତିଲ କରି ଦେଇଥିଲେ। ଏହାପରେ ଏଫଆଇଆର ରୁଜୁ କରାଯାଇଥିଲା। ଏଥିରେ ରିଲାଏନ୍ସ ଜେନେରାଲ ଇନସ୍ୟୁରାନ୍ସ ସହ Trinity Reinsurance Brokersକୁ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସତ୍ୟପାଳ ମଲିକ ହିଁ ପ୍ରଥମେ ଏହି ବୀମା ଯୋଜନାରେ ଦୁର୍ନୀତି ଥିବା ଅଭିଯୋଗ କରିବା ପରେ ସିବିଆଇ ଆକ୍ସନ ମୋଡକୁ ଆସିଥିଲା। ଏହି ଯୋଜନା ୨୦୧୮ ସେପ୍ଟେମ୍ବର ୧୮ରେ କାର୍ଯ୍ୟକାରୀ କରାଯାଇଥିଲା। ୩.୫ ଲକ୍ଷ କର୍ମଚାରୀଙ୍କୁ ଏଥିରେ ସାମିଲ କରାଯାଇଥିଲା। କିନ୍ତୁ କାର୍ଯ୍ୟକାରୀ ହେବାର ମାସକ ମଧ୍ୟରେ ଏହାକୁ ବାତିଲ କରାଯାଇଥିଲା। ସେତେବେଳେ ସତ୍ୟପାଳ ମଲିକ କହିଥିଲେ ଯେ ବୀମା ଯୋଜନାରେ ଅନେକ ପ୍ରକାରର ଦୁର୍ନୀତି ହୋଇଥିବାରୁ କର୍ମଚାରୀମାନେ ଏହାକୁ ବାତିଲ କରିବାକୁ ଚାହୁଁଛନ୍ତି। ସେ ନିଜେ ମଧ୍ୟ ଫାଇଲକୁ ଯାଞ୍ଚ କରିବା ପରେ ଦୁର୍ନୀତିର ଗନ୍ଧ ବାରିଥିଲେ। ଏଥିପାଇଁ ସେ ଯୋଜନାକୁ ବାତିଲ କରିଥିବା କହିଥିଲେ। ନିକଟରେ ସତ୍ୟପାଳ ମଲିକ ଗୋଟିଏ ସାକ୍ଷାତକାରରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ଥିଲେ। ଏଥିସହ ପୁଲଓ୍ୱାମା ହମଲାରେ କେମିତି ସୁରକ୍ଷାରେ ତ୍ରୁଟି ହୋଇଥିଲା, ତା'ର ଗୁମର ମଧ୍ୟ ଖୋଲିଥିଲେ।

## ପୂର୍ବତନ ସାଂସଦ ତ୍ରିଲୋଚନ କାନୁନଗୋଙ୍କ ପରଲୋକ



ଜଗତସିଂହପୁର, ୨୧/୦୪ (ନି.ପ୍ର): ଜଗତସିଂହପୁରର ପୂର୍ବତନ ସାଂସଦ ତ୍ରିଲୋଚନ କାନୁନଗୋଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଆଜି ସକାଳେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଗତ ମାର୍ଚ୍ଚ ୩୦ ତାରିଖ ଠାରୁ ସେ ଅସୁସ୍ଥ ଥିଲେ ଏବଂ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଶ୍ର କାନୁନଗୋ ରାଜ୍ୟ ଅର୍ଥ କମିସନର ଅଧକ୍ଷ ଭାବେ ମଧ କାର୍ଯ୍ୟ କରିଥିଲେ। ଜଗତସିଂହପୁର ଲୋକସଭା ଆସନରୁ ସେ ୧୯୯୯ ମସିହାରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚିତ ହୋଇଥିଲେ। ସେ କଟକ ପୌରପାଳିକାର ପ୍ରାକ୍ତନ ଅଧକ୍ଷ ଭାବେ କାର୍ଯ୍ୟ କରି ବେଶ ଲୋକପ୍ରିୟତା ▶▶ପୃଷ୍ଠା ୭

## ମମିତା ମେହେରଙ୍କ ପରିବାରକୁ ମିଳିଲା କ୍ଷତିପୂରଣ

### ପୀଡିତା ସହାୟତା ରାଶି ବାବଦରେ ୧୦ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୨୧/୦୪ (ନି.ପ୍ର): ମମିତା ମେହେରଙ୍କ ପରିବାରକୁ ୧୦ ଲକ୍ଷ । ପିଡୀତା ସହାୟତା ରାଶି ବାବଦରେ ମିଳିବ ୧୦ଲକ୍ଷ ଟଙ୍କାର ସହାୟତା ରାଶି । ବଲାଙ୍ଗୀର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି । ସହାୟତା ରାଶି ଯୋଗାଇଦେବା ପାଇଁ ଆବେଦନ କରିଥିଲେ ମମିତାଙ୍କ ଭାଇ ବଣ୍ଟି ମେହେର । ବଣ୍ଟିଙ୍କ ଆବେଦନକୁ ବିଚାରକୁ ନିଆଯାଇ ସହାୟତା ରାଶି ରୂପେ ଟଙ୍କା ମଞ୍ଜୁର କରାଯାଇଛି । ପ୍ରାଧିକରଣର ଏହି ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଛନ୍ତି । ପିଡୀତା ସହାୟତା ରାଶି ପାଇଁ ୨୬ଟି ଆବେଦନ ହୋଇଥିବା ବେଳେ ୨୩ଟି ଆବେଦନକୁ ଗ୍ରହଣ କରିଥିଲା କମିଟି । ମମିତା ମେହେର ମହାଲିଙ୍ଗ କଲେଜର ପ୍ରିନ୍ସିପାଲ ଥିଲେ । ଗୋବିନ୍ଦ ମେହେର ମମିତାଙ୍କୁ ହତ୍ୟା କରିବା ପରେ ପୋତି ଦେଇଥିଲେ ।

## କୁରୁଡ଼ା ବିନୋଦ ବିହାରୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୨୧/୦୪ (ନି.ପ୍ର): ୨୦୨୧ ମସିହାରେ ସଦର ଥାନା ଅନ୍ତର୍ଗତ କୁରୁଡ଼ା ହାଟ ପଡ଼ିଆଠାରେ ବିନୋଦ ବିହାରୀ ଦାସ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି ସଦର ଥାନା ପୁଲିସ। ଏହି ଘଟଣାରେ ପୂର୍ବରୁ ୨୨ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ସେଠୀ ସହ ସହଯୋଗୀ ପପୁ ଓରଫ ସଂଜୟ ଲେଙ୍କାକୁ ଗିରଫ କରିବାରେ ପୁଲିସ ସମର୍ଥ ହୋଇଛି ବୋଲି ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ହତ୍ୟା କରିବା ପରେ ଦୁଇ ଅଭିଯୁକ୍ତ ଫେରାର ରହିବା ସହ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୧୧ ଟି ଅପରାଧିକ ମାମଲା ରହିଥିବା ପୁଲିସ ସୂଚନା ଦେଇଛି। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ କୁରୁଡ଼ା ହାଟ ପଡ଼ିଆ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ସେଠୀ ୨୦୨୧ ଅକ୍ଟୋବର ୩୧ ତାରିଖ ସକାଳ ୯ ଟା ବେଳେ ବିନୋଦକୁ ଅତି ନିକଟରୁ ଗୁଳି କରିଥିଲା। ପରେ ଅନ୍ୟତମ ଅଭିଯୁକ୍ତ ମନୋଜ ଲେଙ୍କା ଧାରୁଆ ଅସ୍ତ୍ରରେ ବିନୋଦକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ବିନୋଦର ମୃତ୍ୟୁ ଘଟିଥିଲା। ହତ୍ୟା ପରେ ଅପରାଧୀ ମାନେ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଫଟୋ ପୋଷ୍ଟ କରି ମର୍ଡର ଡେ ସେଲିବ୍ରେସନ୍ କରିଥିଲେ। ମାଫିଆ ଗିରିକୁ କେନ୍ଦ୍ର କରି ବାଲେଶ୍ୱରର ଦୁଇ ଗ୍ୟାଙ୍ଗ ମଧ୍ୟରେ ଲାଗି ରହିଥିବା ବିବାଦ ସେହି ସମୟର ହତ୍ୟାର ରୂପ ନେଇଥିଲା।

## ଶାନ୍ତି ପାଇଁ ସମ୍ବଲପୁରରେ ଶୋଭାଯାତ୍ରା

ସମ୍ବଲପୁର, ୨୧/୦୪ (ନି.ପ୍ର): ସମ୍ବଲପୁରରେ ଶାନ୍ତି ଫେରାଇ ଆଣିବା ପାଇଁ, ସହରର ବିଭିନ୍ନ ସଂଗଠନ ପକ୍ଷରୁ ଆୟୋଜିତ ହୋଇଛି ଶାନ୍ତି ଶୋଭାଯାତ୍ରା । ଏହି ଶୋଭାଯାତ୍ରାରେ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକ ସାମିଲ ହୋଇ ଏକତାର ବାର୍ତ୍ତା ଦେବାକୁ ଉଦ୍ୟମ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଶୋଭାଯାତ୍ରାରେ ବ୍ୟାନରର ଗୋଟିଏ ପାର୍ଶ୍ୱକୁ ଜଣେ ହିନ୍ଦୁ ଧରିଥିବାବେଳେ ଆଉ ଗୋଟିଏ ପାର୍ଶ୍ୱକୁ ଜଣେ ମୁସଲିମ ସମ୍ପ୍ରଦାୟର ଲୋକ ଧରିଥିଲେ । ମଝିରେ ନିଜେ ଏସପି ଚାଲିଥିଲେ । ଶୋଭାଯାତ୍ରାରେ ଯିବାବେଳେ ରାସ୍ତାରେ ସହରବାସୀଙ୍କୁ ଫୁଲ ଦେଇ ଶାନ୍ତି ବଜାୟ ରଖିବାକୁ ଅପିଲ କରିଛନ୍ତି ଶୋଭାଯାତ୍ରାକାରୀ ମାନେ । ଏହି ଶାନ୍ତି ଶୋଭାଯାତ୍ରାର ଆୟୋଜନ କରିଥିବା ସଂଗଠନ ଗୁଡିକୁ ଧନ୍ୟବାଦ ଦେବା ସହ ଖୁବଶୀଘ୍ର ସହରରେ ଶାନ୍ତି ଫେରି ଆସିବ ବୋଲି କହିଛନ୍ତି ଏସପି । ମୁସଲମାନଙ୍କ ବଡ ପର୍ବ ଇଦକୁ ନଜରରେ ପ୍ରଶାସନ ମଧ ସଜାଗ ହୋଇଛି । ସହରରେ ଥିବା ମସଜିଦ୍ ଗୁଡିକ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ଏଥିସହ ସାମ୍ପ୍ରଦାୟିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ, ଇଦ୍ ବେଳେ ସମ୍ବଲପୁରରେ ସାର୍ବଜନୀନ ସ୍ଥାନ ବଦଳରେ କେବଳ ମସଜିଦ ଭିତରେ ନମାଜ ପାଠ କରିବାକୁ ନିଷ୍ପତି ନିଆଯାଇଛି । ▶▶ପୃଷ୍ଠା ୭










# ଅନଳରେ ୨୯ ତମ ପାଲା ଗାୟକ ସମ୍ମିଳନୀ ଉଦ୍‌ଯାପିତ ଓ କଳାକାରଙ୍କୁ ସମ୍ମାନ

ଭୁବନ, ୨୧/୦୪ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଅନଳ ଗ୍ରାମରେ ଗତ ୧୮ ତାରିଖ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଭୁବନ ମଣ୍ଡଳର ୨୯ ତମ ପାଲା ଗାୟକ ସମ୍ମିଳନୀ ଗତକାଲି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲା କଳା ସଂସ୍କୃତି ବିଭାଗ ଅଧକ୍ଷ ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଢ଼େଙ୍କାନାଳ ଜିଲ୍ଲା ନିଖିଳ ଉତ୍କଳ ପାଲା ଗାୟକ ସଂଘ ସଭାପତି ସୁରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଭୁବନ ବ୍ଲକ ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଧଳପଡ଼ା ସରପଂଚ ଶ୍ରୀନିବାସ ବେହେରା, ଭୁବନ ବ୍ଲକ ପାଲା ଗାୟକ ସଂଘ ସଭାପତି ଯୋଗିନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ଅନଳ ଗ୍ରାମର ପାଲା ଗାୟକ ଗଦାଧର ପୃଷ୍ଟି, ମୃଦଙ୍ଗ ବାଦକ ଫକୀର ମୋହନ ନାୟକ, ପଳାଶ ପିଠିଆ ଗ୍ରାମର ସଙ୍ଗୀତକାର ମଦନ ମୋହନ କୁଅାଁର, ସୁରପ୍ରତାପପୁର ଗ୍ରାମର ମୃଦଙ୍ଗ ବାଦକ ସନାତନ ପଣ୍ଡା, ଅନଳର କବି, ଲେଖକ ହୃଷିକେଶ ସାହୁ, କୀର୍ତନ ମଣ୍ଡଳୀ ବିଚିତ୍ରାନନ୍ଦ ନାୟକ, ଦାସକାଠିଆ ଗାୟକ ଲିଙ୍ଗରାଜ ପୃଷ୍ଟିଙ୍କୁ ପୁଷ୍ପ ଗୁଛ, ମାନପତ୍ର ଓ ଉତରୀୟ ଦେଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ଦିବସରେ ପାଲା ଦେଖିବାକୁ ଶହ ଶହ ଲୋକ ଯୋଗଦେଇଥିଲେ।

# ଏପ୍ରିଲ ଶେଷ ସପ୍ତାହରୁ ତେନ୍ତୁଳି ସଂଗ୍ରହ କରିବ ଟିଡିସିସି

ଭୁବନେଶ୍ୱର , ୨୧/୦୪ (ନି.ପ୍ର): ଏପ୍ରିଲ ଶେଷ ସପ୍ତାହରେ ତେନ୍ତୁଳି ସଂଗ୍ରହ କରିବ ଆଦିବାସୀ ଉନ୍ନୟନ ସମବାୟ ସମିତି(ଟିଡିସିସି)। ଏଣେ ମାର୍ଚ୍ଚ ମଝି ସପ୍ତାହରୁ ନାମମାତ୍ର ମୂଲ୍ୟରେ ତୋଳାଳିମାନେ ବ୍ୟବସାୟୀଙ୍କୁ ବିକ୍ରି କରିବା ଆରମ୍ଭ କରିଥିବା ନେଇ ବିଭିନ୍ନ ଜିଲ୍ଲାରୁ ସୂଚନା ମିଳିବାରେ ଲାଗିଛି। ଏଭଳି ସ୍ଥିତିରେ ଟିଡିସିସି ସଂଗ୍ରହର ଲାଭ ପ୍ରକୃତ ତୋଳାଳି କି ବ୍ୟବସାୟୀ କିଏ ଉଠାଇବ ତାକୁ ନେଇ ବିଭିନ୍ନ ସଙ୍ଗଠନ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଅନ୍ୟଦିଗରେ ଟିଡିସିସି କହିବା ଅନୁସାରେ, ଚଳିତ ବର୍ଷର ବିଳମ୍ବ ଉତ୍ପାଦନକୁ ଦୃଷ୍ଟିରେ ରଖି ସଂଗ୍ରହ ତାରିଖ ନିର୍ଦ୍ଧାରଣ କରାଯାଇଛି। ଏଥିପୂର୍ବରୁ ତୋଳାଳିମାନଙ୍କୁ ସେମାନଙ୍କୁ ତେନ୍ତୁଳି ସଂରକ୍ଷିତ କରି ରଖିବା ପାଇଁ କୁହାଯାଇଛି। ଘରେ ଘରେ ତେନ୍ତୁଳିର ବ୍ୟବହାର ସହ ପୁରୀ ଶ୍ରୀମନ୍ଦିରରେ ଦୈନିକ ୪ରୁ୫ କେଜିର ତେନ୍ତୁଳି ଆବଶ୍ୟକତା ହୁଏ। ରାଜ୍ୟରେ ଥିବା ସବୁ ମନ୍ଦିର, ହୋଟେଲରେ ମଧ ଏହାର ଆବଶ୍ୟକତା ପାଖାପାଖି ଏହିଭଳି। ଏହାବାଦ ତେନ୍ତୁଳି ପାଉଡର, ଚକ୍‌ଲେଟ୍, ସସ୍ ସହିତ ବିଭିନ୍ନ କାରଖାନାରେ ସଫେଇରେ ମଧ ଏହାର ବ୍ୟବହାର ହୁଏ। ପାକିସ୍ତାନ, ବାଲାଂଦେଶ, ଇରାକ, ଦୁବାଇ, ମେକ୍ସିକୋ ଭଳି ଦେଶରେ କିନ୍ତୁ ଏହାର ସ୍ୱତନ୍ତ୍ର ଚାହିଦା ରହିଛି। ଯାହା ଭାରତର ବଡ଼ ବ୍ୟବସାୟୀମାନେ ପୂରଣ କରି ଲାଭାନ୍ୱିତ ହୁଅନ୍ତି। ଋଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଗତ କିଛି ବର୍ଷ ହେଲା ରପ୍ତାନି ପ୍ରଭାବିତ ହୋଇଛି। ଦେଶରେ ସଫଳ ତେନ୍ତୁଳି ବ୍ୟବସାୟର ଲାଭ କିନ୍ତୁ ଏହାକୁ ସଂଗ୍ରହ କରୁଥିବା ଆଦିବାସୀଙ୍କ ପାଇଁ ଅପହଞ୍ଚ ଥାଏ। ଏଥିରେ ଓଡ଼ିଶାର ଉଦାହରଣ ନିଆଯାଇପାରେ। ଓଡ଼ିଶାରେ ପ୍ରାୟ ୨୦ ହଜାର ମେଟ୍ରିକ ଟନର ତେନ୍ତୁଳି ଉତ୍ପାଦିତ ହୁଏ। ୧.୮୫ ଲକ୍ଷରୁ ଅଧିକ ପରିବାର ଋତୁକାଳୀନ ରୋଜଗାର ଭାବରେ ତେନ୍ତୁଳି ସଂଗ୍ରହ କରି ବିକ୍ରି କରନ୍ତି। ବଜାରରେ ଏହାର ଗୁଣାତ୍ମକ ମୂଲ୍ୟ, ଚାହିଦା ଏବଂ ତୋଳାଳିମାନଙ୍କ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ଟିଡିସିସି ଏହାର ସଂଗ୍ରହ କରିଥାଏ।

ଚଳିତବର୍ଷ ୧୩ଟି ଜିଲ୍ଲାରୁ ୭ ହଜାର ମେଟ୍ରିକ ଟନ୍‌ର ତେନ୍ତୁଳି ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ କୋରାପୁଟ ପାଇଁ ୬୮୫, ନବରଙ୍ଗପୁରରେ ୫୫୭, କଳାହାଣ୍ଡିରେ ୮୦୦, ରାୟଗଡ଼ାରେ ୮୦୦, ଗଜପତିରେ ୬୦୦, କେନ୍ଦୁଝରରେ ୭୦୦, ମୟୂରଭଞ୍ଜରେ ୧୫୦, କନ୍ଧମାଳରେ ୧୦୦୦, ସୁନ୍ଦରଗଡ଼ରେ ୬୧୫, ସମ୍ବଲପୁରରେ ୩୦୦, ମାଲକାନଗିରିରେ ୪୦୦, ଦେବଗଡ଼ରେ ୮୦ ଏବଂ ନୂଆପଡ଼ାରେ ୧ ହଜାର ମେଟ୍ରିକ ଟନ୍ ? ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ତୋଳାଳି ଶୋଷଣର ଶିକାର ନ ହୁଅନ୍ତୁ ଏଥିପାଇଁ ତେନ୍ତୁଳିର ସହାୟକ ମୂଲ୍ୟ ଚଳିତ ବର୍ଷ କେଜି ହିସାବରେ ୩୬ ଟଙ୍କା ରଖାଯାଇଛି। ମାତ୍ର ଅଧିକାଂଶ ଆଦିବାସୀ ଅଧୁଷିତ ଗାଁରେ ମାର୍ଚ୍ଚ ମଝି ସପ୍ତାହରୁ ୨୦ରୁ ୨୫ ଟଙ୍କାରେ ବିକ୍ରି କରିବା ଆରମ୍ଭ କଲେଣି। ଠିକ ସମୟରେ ତୋଳି ବିକ୍ରି ନ କଲେ ଏହା ନଷ୍ଟ ହେବାର ଆଶଙ୍କା ରହିଥିବା ତୋଳାଳିମାନେ କହିଛନ୍ତି। ସଂରକ୍ଷିତ ଗୋଦାମ ଗୃହର ଅଭାବ ଏହାର କାରଣ। ତେଣୁ ବର୍ତ୍ତମାନ ଅନେକ ତେନ୍ତୁଳି ବ୍ୟବସାୟୀଙ୍କ ପାଖକୁ ଚାଲି ଯାଉଥିବା କୁହାଯାଉଛି।

ସାମାଜିକ କର୍ମକର୍ତ୍ତା ଗିରି ରାଓଙ୍କ କହିବା ଅନୁସାରେ, ରାଜ୍ୟର ସମୁଦାୟ ଉତ୍ପାଦନର ୨୦ ପ୍ରତିଶତ ତେନ୍ତୁଳି ହିଁ ଡିଟିସିସି ସଂଗ୍ରହ କରୁଛି।

# ଅଲିଭ୍ ରିଡ୍‌ଲେ : ଏଥର ଆସିଲେ ୧୧.୬୪ ଲକ୍ଷ; ଗହୀରମଥା, ଋଷିକୁଲ୍ୟା ମୁହାଣରେ ବଢ଼ିଲେ

ଭୁବନେଶ୍ୱର , ୨୧/୦୪ (ନି.ପ୍ର): କୁହାଯାଏ ଅଲିଭ୍ ରିଡ୍‌ଲେଙ୍କ ଭୂସ୍ୱର୍ଗ ହେଉଛି ଓଡ଼ିଶା ଉପକୂଳ। ବିଶ୍ୱର ସମୁଦାୟ ଅଲିଭ୍ ରିଡ୍‌ଲେଙ୍କ ମଧ୍ୟରୁ ୫୦%ରୁ ଅଧିକ କେବଳ ଓଡ଼ିଶା ଉପକୂଳରେ ଦେଖିବାକୁ ମିଳିଥା'ନ୍ତି। ନଭେମ୍ବରରୁ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ସେମାନେ ଅଣ୍ଡା ଦେଇଥା'ନ୍ତି। ସେହିପରି ଏପ୍ରିଲ ଓ ମେ' ମାସରେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ରକୁ ଚାଲି ଯାଇଥା'ନ୍ତି। ପ୍ରତିଥର ପରି ଏବର୍ଷ ମଧ ଅଲିଭ୍-ରିଡ୍‌ଲେଙ୍କ ବାସସ୍ଥାନ ଭାବେ ପରିଚିତ ଧାମରା ମୁହାଣ ତଥା ଗହୀରମଥା ନାସୀ-୨, ଦେବୀ ଓ ଋଷିକୁଲ୍ୟା ନଦୀ ମୁହାଣରେ ରେକର୍ଡ ସଂଖ୍ୟକ ଅଲିଭ୍ ରିଡ୍‌ଲେ ଅଣ୍ଡା ଦେଇ ଫେରିଛନ୍ତି। ଏବେ ଛୁଆ ଫେରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମେ' ମାସ ପର୍ଯ୍ୟନ୍ତ ଜାରି ରହିବ। ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଓଡ଼ିଶା ଉପକୂଳକୁ ୧୧ଲକ୍ଷ ୬୪ ହଜାର ଅଲିଭ୍ ରିଡ୍‌ଲେ ଅଣ୍ଡା ଦେବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଋଷିକୁଲ୍ୟା ମୁହାଣକୁ ରେକର୍ଡ ସଂଖ୍ୟକ ୬ ଲକ୍ଷ ୩୭ ହଜାର ଏବଂ ଗହୀରମଥା ନାସୀ-୨କୁ ୫ ଲକ୍ଷ ୨୬ ହଜାର ଆସିଥିଲେ। ବିଗତ ବର୍ଷଗୁଡ଼ିକ ତୁଳନାରେ ଚଳିତବର୍ଷ ଉକ୍ତ ଦୁଇ ସ୍ଥାନରେ ଅଲିଭ୍ ରିଡ୍ ?ଲେଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଥିବାରୁ ଛୁଆଁଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ବନ ବିଭାଗ ଆଶାବାଦୀ ହୋଇଛି। ଆଜି ସୁଦ୍ଧା ୧ କୋଟିରୁ ଅଧିକ ଅଲିଭ୍ ରିଡ୍‌ଲେ ଛୁଆ ସମୁଦ୍ର ମଧକୁ ଫେରିସାରିଛନ୍ତି। ଅଣ୍ଡା ଫୁଟିବା ପ୍ରକ୍ରିୟା ଜାରି ରହିଥିବାରୁ ଆଗକୁ ଆଉ ୨ କୋଟି ପର୍ଯ୍ୟନ୍ତ ଛୁଆ ଫୁଟିବା ନେଇ ଆକଳନ କରାଯାଇଛି। ଚିନ୍ତାର ବିଷୟ ହେଉଛି ଯେ ଦେବୀ ମୁହାଣକୁ ଅଲିଭ୍ ରିଡ୍‌ଲେଙ୍କ ଆଗମନ କମିବାରେ ଲାଗିଛି। ଏଥର ମାତ୍ର ୮୦୭ଟି ଅଲିଭ୍ ରିଡ୍‌ଲେ ଆସି ଅଣ୍ଡା ଦେଇଥିଲେ। ଦେବୀ ମୁହାଣକୁ ୧୬୨ଟି ଅଲିଭ୍ ରିଡ୍‌ଲେ ଆସିଥିବା ବେଳେ ବାକିଗୁଡ଼ିକ ଅନ୍ୟାନ୍ୟ ସ୍ଥାନରେ ଚିହ୍ନଟ ହୋଇଥିଲେ। ସଂଗୃହୀତ ହୋଇଥିବା ୬୩ ହଜାର ୭୧୧ ଅଣ୍ଡାରୁ ଏବେ ସୁଦ୍ଧା ୧୧୧୭ଟି ଛୁଆ ବାହାରି ସାରିଛନ୍ତି। ବାକିଗୁଡ଼ିକର ପ୍ରକ୍ରିୟା ଜାରି ରହିଛି। ପରିବେଶବିତ୍‌ଙ୍କ ମତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅଲିଭ୍ ରିଡ୍‌ଲେଙ୍କ ଉପରେ ପଡୁଛି। ଯେଉଁଥିପାଇଁ ଦେବୀ ମୁହାଣରେ



ପ୍ରତିବର୍ଷ ଅଲିଭ୍ ରିଡ୍‌ଲେଙ୍କ ସଂଖ୍ୟା କମୁଛି। ସେମାନଙ୍କୁ ସୁରକ୍ଷା ଦିଆଯାଉଥିବା କୁହାଯାଉଥିଲେ ମଧ ସେତେଟା ଫଳପ୍ରଦ ହେଉନାହିଁ। ସମୁଦ୍ର ଉପକୂଳରୁ ୨୦ କିମି ପର୍ଯ୍ୟନ୍ତ ଅଞ୍ଚଳରେ ମାଛଧରା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ହେଲେ ଅଧିକାଂଶ ସ୍ଥାନରେ କଟକଣା ପାଳନ ହେଉନି। ଯେଉଁଥିପାଇଁ ଅଲିଭ୍ ରିଡ୍‌ଲେଙ୍କ ଆଗମନଠାରୁ ଫେରିବା ପର୍ଯ୍ୟନ୍ତ ବିପଦ ସୃଷ୍ଟି ହେଉଛି। ଗୋଟିଏ ପଟେ ପ୍ରବଳ ତାତି ଯୋଗୁଁ ଅଣ୍ଡାଗୁଡ଼ିକ ନଷ୍ଟ ହେଉଥିବା ବେଳେ ଅନ୍ୟପଟେ ପର୍ଯ୍ୟଟକଙ୍କ ଅବାଧ ପ୍ରବେଶ ଏବେ ଋଷିକୂଲ୍ୟା ମୁହାଣରେ କଇଁଛଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ୨୦୨୧-୨୨ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଦେଢ଼ ଲକ୍ଷରୁ ଅଧିକ ଅଲିଭ୍ ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିଥିଲେ। ଗତବର୍ଷ ଋଷିକୂଲ୍ୟା ମୁହାଣକୁ ପ୍ରାୟ ୫ ଲକ୍ଷ ଏବଂ ଗହୀରମଥାକୁ ୫ ଲକ୍ଷ ୨୩ ହଜାର ଆସିଥିଲେ। ଏଥର ୧୧ଲକ୍ଷ ୬୪ ହଜାର ଅଲିଭ୍ ରିଡ୍‌ଲେ ଅଣ୍ଡା ଦେଇଥିବାରୁ ଅଧିକ ସଂଖ୍ୟକ ଛୁଆ ସମୁଦ୍ରକୁ ଯିବା ନେଇ ଆମେ ଆଶାବାଦୀ ରହିଛୁ। ପାଟ୍ରୋଲିଂ କ୍ୟାମ୍ପ୍, ଭଦ୍ରକ, ରାଜନଗର, ପୁରୀ ଓ ବ୍ରହ୍ମପୁର ବନ୍ୟଜନ୍ତୁ ବନଖଣ୍ଡକୁ ତୀବ୍ରଗତି ସଂପନ୍ନ ବୋଟ୍, ଟ୍ରଲର୍ ଓ ସହାୟକ ବୋଟ୍ ଯୋଗାଇ ଦିଆଯାଇଛି। ସଚେତନତା ଓ ସୁରକ୍ଷା କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ଥାନୀୟ ଜନପ୍ରତିନିଧି ସାମିଲ ହୋଇଛନ୍ତି।

# ୟୁଡିଆଇଡି ସାର୍ଟିଫିକେଟ୍ ପାଇଁ ବିବିଏସ୍‌ଏ କ୍ୟାମ୍ପ ବଢ଼ାଇବାକୁ ନିର୍ଦ୍ଦେଶ




ଭୁବନେଶ୍ୱର, ୨୧/୦୪ (ନି.ପ୍ର): ରାଜ୍ୟର ୭୫ ପ୍ରତିଶତ ଭିନ୍ନକ୍ଷମ ନିଜର ୟୁନିକ୍ ଡିଜାବିଲିଟି ଆଇଡେଣ୍ଟିଟି (ୟୁଡିଆଇଡି) ସାର୍ଟିଫିକେଟ୍ ପାଇସାରିଲେଣି। ଏହାକୁ ୯୦ ପ୍ରତିଶତକୁ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଅଧିକ ସଂଖ୍ୟାରେ ବିବିଏସ୍‌ଏ(ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ) କ୍ୟାମ୍ପ ଆୟୋଜନ କରିବା ଲାଗି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଭିନ୍ନକ୍ଷମମାନଙ୍କୁ ୟୁଡିଆଇଡି ଜରିଆରେ ଅନ୍‌ଲାଇନ୍‌ରେ ସାର୍ଟିଫିକେଟ୍ ପ୍ରଦାନକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ଏହା ଜରିଆରେ ଭିନ୍ନକ୍ଷମମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ପାଇପାରିବେ। ଏହି ସାର୍ଟିଫିକେଟ୍ ପ୍ରଦାନ କରିବା ଲାଗି ରାଜ୍ୟରେ ୩୨ଟି ମେଡିକାଲ ବୋର୍ଡ ଗଠନ ହୋଇଛି। ବୋର୍ଡରେ ଥିବା ବିଶେଷଜ୍ଞ ଡାକ୍ତରଙ୍କ ଅନୁମୋଦନ ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ସୂଚନା ଅନୁସାରେ, ରାଜ୍ୟରେ ୧୫-୧୬ଲକ୍ଷ ଭିନ୍ନକ୍ଷମ ରହିଥିବା ଅନୁମାନ କରାଯାଉଛି। ଫେବୃଆରି ମାସ ସୁଦ୍ଧା ୯,୮୬,୫୮୭ଜଣ ୟୁଡିଆଇଡି ପୋର୍ଟାଲରେ ଆବେଦନ କରିଥିଲେ। ତହିଁରୁ ୫,୭୪,୧୬୪ଜଣଙ୍କ ୟୁଡିଆଇଡି କାର୍ଡ ପ୍ରସ୍ତୁତ ହୋଇସାରିଛି। ୩,୪୭,୫୧୯ ଆବେଦନ ଖାରଜ ହୋଇଥିବା ବେଳେ ୬୪,୯୦୪ କାର୍ଡ ଜେନେରେଟ୍ ଅପେକ୍ଷାରେ ରହିଥିଲା। ଗତ ୨ମାସରେ ଏହି ସଂଖ୍ୟାରେ ବୃଦ୍ଧି ହୋଇଛି। ତଥାପି ଜିଲ୍ଲାସ୍ତରରେ ଅନେକ ଆବେଦନ ପଡ଼ି ରହିଛି।


ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭିନ୍ନକ୍ଷମଙ୍କୁ ୟୁଡିଆଇଡି ସାର୍ଟିଫିକେଟ୍ ପ୍ରଦାନରେ ଓଡ଼ିଶା ଅଗ୍ରଣୀ ରାଜ୍ୟମାନଙ୍କ ମଧରେ ରହିଛି। ଆସନ୍ତା ୩ମାସ ଭିତରେ କିଭଳି ଏହା ୯୦ ପ୍ରତିଶତରେ ପହଞ୍ଚିପାରିବ ସେଥିପାଇଁ ପ୍ରଚେଷ୍ଟା ଜାରି ରହିଛି। ଯାହାଫଳରେ ରାଜ୍ୟରେ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ୍ ପ୍ରଦାନରେ ପୂର୍ଣ୍ଣତା ଆସିପାରିବ। ଏଥିପାଇଁ ଅଧିକରୁ ଅଧିକ ବିବିଏସ୍‌ଏକ୍ୟାମ୍ପ ଓ ସିଡିଏମ୍‌ଓଙ୍କ ନିକଟରେ ପଡ଼ି ରହିଥିବା ଆବେଦନକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଭିନ୍ନକ୍ଷମମାନେ ୟୁଡିଆଇଡି ସଂପର୍କରେ ଜାଣି ନାହାନ୍ତି ସେମାନେ କ୍ୟାମ୍ପକୁ ଆସି ଏଥିପାଇଁ ଆବେଦନ କରିପାରିବେ।

# ଗଞ୍ଜାମ ଜିଲ୍ଲାର ୩୧୨ ଗାଁକୁ ଆମ୍ବୁଲାନ୍ସ ଗଡୁନି : ନଦୀ ପାହାଡ଼ ଡେଇଁ ଯାଉଛନ୍ତି ସ୍ୱାସ୍ଥ୍ୟ ଟିମ୍



ବ୍ରହ୍ମପୁର , ୨୧/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲାକୁ ୧ନମ୍ବର ଜିଲ୍ଲା କରାଯିବ। ଗଞ୍ଜାମ ରାଜ୍ୟର ବିକାଶଧାରାର ମଡେଲ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଉଦ୍ ?ବୋଧନ ଦେଉଛନ୍ତି। କିନ୍ତୁ, ତୃଣମୂଳସ୍ତରକୁ ଯାଇ ସମସ୍ୟା ବୁଝିବା ପରେ ଜଣାପଡ଼ିଛି, ଗଞ୍ଜାମ ଜିଲ୍ଲାରେ ବିକାଶର ଅସଲ ଚିତ୍ର କ'ଣ ? ଜିଲ୍ଲାରେ ଏବେ କି ଏଭଳି ୩୧୨ ଗାଁ ଓ ପଡ଼ାଗାଁ ରହିଛି, ଯେଉଁଠିକୁ ରାସ୍ତା ସଂଯୋଗୀକରଣ ହୋଇପାରି ନାହିଁ। ଫଳରେ ସେଠାକୁ ଆମ୍ବୁଲାନ୍ସ ମଧ ଗଡ଼ିପାରୁ ନାହିଁ। କୌଣସି ଚାରିଚକିଆ ଗାଡ଼ି ଯିବାର ବି ପ୍ରଶ୍ନ ଉଠୁନି। ନିକଟରେ 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୩' ପାଇଁ ଗଞ୍ଜାମ ଜିଲ୍ଲା ଗୌରବ ଅର୍ଜନ କରିଛି। ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲା ପରିଷଦକୁ ଦେଶର ଶ୍ରେଷ୍ଠ ଜିଲ୍ଲା ଭାବେ 'ନ୍ୟାସନାଲ୍ ପଞ୍ଚାୟତ ଆୱାର୍ଡ଼୍-୨୦୨୩' ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଭିନ୍ନ ବର୍ଗରେ ୬ଟି ଜାତୀୟ ପୁରସ୍କାର ପାଇଛି। ଏତେସବୁ ସଫଳତା ସତ୍ତ୍ୱେ ଗଞ୍ଜାମ ଜିଲ୍ଲାର ୩ଶହରୁ ଅଧିକ ଦୁର୍ଗମ ଗାଁକୁ ରାସ୍ତା ଖଣ୍ଡିଏ ତିଆରି ହୋଇପାରୁ ନାହିଁ। ରାସ୍ତା ନଥିବାରୁ ଦୁର୍ଗମ ଇଲାକାରେ ରହୁଥିବା ଆଦିବାସୀ ଅଧୁଷିତ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଞ୍ଜାମ ଜିଲ୍ଲାରେ ୩ହଜାର ୨୫୦ ଗାଁ ରହିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସର୍ଭେ ଅନୁସାରେ ୩୧୨ଟି ଗାଁକୁ ଚାରିଚକିଆ ଗାଡ଼ି ଯାତାୟାତ ପାଇଁ ରାସ୍ତା ନାହିଁ। ଏହି ତାଲିକାରେ କିଛି ସିଜନାଲ୍ କଟଅଫ୍ ଗାଁ ରହିଛି। ସେଭଳି ଗାଁକୁ ବର୍ଷା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଯାତାୟାତ ଆଦୌ ସମ୍ଭବ ହୋଇ ନଥାଏ। ଅନ୍ୟ ଏକ ଉଦ୍‌ବେଗର ବିଷୟ ହେଉଛି, ଏହି ୩୧୨ଟି ଗାଁକୁ ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ବିଭିନ୍ନ ସମୟରେ ଆମ୍ବୁଲାନ୍ସ କର୍ମଚାରୀ, ଗ୍ରାମବାସୀ ରୋଗୀଙ୍କୁ ଦୋଳାରେ ବୋହି ଆଣୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ସେହି ଗାଁରେ ରହୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପାଇଁ ମଧ କାଠିକର ପାଠ ହୋଇଛି। ରାସ୍ତା ନଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ଟିମ୍ ଡଙ୍ଗାରେ ନଦୀ ପାରି ହୋଇ ପାହାଡ଼ ଚଢ଼ି ଗାଁରେ ପହଞ୍ଚୁଛନ୍ତି। ଗତ କିଛିଦିନ ତଳେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପାତ୍ରପୁର ବ୍ଲକ୍‌ର ଦୁର୍ଗମ ଇଲାକାରେ ଥିବା ୫ଟି ଗାଁକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଥିଲେ। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଡଙ୍ଗାରେ ବାହୁଦା ନଦୀ ପାରି ହୋଇ ଚାଲିଚାଲି ଯାଇ ଗାଁରେ ପହଞ୍ଚି ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଫେରିଥିଲା। ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ସମୟରେ ଏଭଳି ଗାଁରେ କ୍ୟାମ୍ପ କରି ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।

# ଆଦିବାସୀଙ୍କୁ ବଞ୍ଚିବାର ରାହା ଦେଖାଇଛି ଶିଆଳି ପତ୍ର



ଫୁଲବାଣୀ, ୨୧/୦୪ (ନି.ପ୍ର): ମହୁଲ ଫୁଲ ଭଳି ଶିଆଳି ପତ୍ର ମଧ କନ୍ଧମାଳ ଜିଲ୍ଲାର ଆଦିବାସୀଙ୍କ ପାଇଁ ରୋଜଗାରର ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଶିଆଳି ପତ୍ରରୁ ନାନା ପ୍ରକାର ସାମଗ୍ରୀ ପ୍ରସ୍ତୁତ କରି ନିକଟସ୍ଥ ବଜାରରେ ବିକ୍ରି କରି ଆଦିବାସୀମାନେ ପରିବାର ପ୍ରତିପୋଷଣ କରନ୍ତି। ଶିଆଳି ପତ୍ରକୁ କୁଟୀରଶିଳ୍ପରେ ପରିଣତ କରାଯାଇଛି। ଶତାଧିକ ଆଦିବାସୀ ମହିଳା ଜଙ୍ଗଲରୁ ଏହି ପତ୍ର ସଂଗ୍ରହ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ତେବେ ପୋଡୁଚାଷ ଏବଂ ଜଙ୍ଗଲ ନିଆଁ ଫଳରେ ଶିଆଳି ଲଟା ଜଳିଯାଉଥିବାରୁ ଆଦିବାସୀମାନେ ପ୍ରଭାବିତ ହେଉଛନ୍ତି। ଶିଆଳି ପତ୍ରରୁ ପ୍ରସ୍ତୁତ ସାମଗ୍ରୀର ବିକଳ୍ପ ଭାବେ କାଗଜ ଓ ପ୍ଲାଷ୍ଟିକ୍ ସାମଗ୍ରୀର ବ୍ୟବହାର ବଢୁଛି। ଆଉ ଶିଆଳି ଲଟାରେ ପ୍ରସ୍ତୁତ ପ୍ଲେଟ୍, ଦନା ଓ ଥାଳିର ଚାହିଦା କମିବାରେ ଲାଗିଛି। ଶିଆଳି ଗଛ ଆଦିବାସୀଙ୍କ ପାଇଁ ଏକ ଆଶୀର୍ବାଦ ବୋଲି ମନେ କରାଯାଏ। ଯେଉଁଥିରୁ ଖଲି, ଦନା, ବର୍ଷାତି, ପ୍ଲେଟ୍ ଓ ଥାଳି ଆଦି ବିଭିନ୍ନ ଉପକରଣ ପ୍ରସ୍ତୁତ କରାଯାଇଥାଏ। ସେହିପରି ଲଟା ଓ ଚେରରୁ ଦଉଡ଼ି ପ୍ରସ୍ତୁତ ହୋଇଥାଏ। ସେହିଭଳି ଶିଆଳି ଫଳ ଶରୀରକୁ ପୋଷଣ ଯୋଗାଇଥାଏ। ଶିଆଳି ଫଳ ଆଦିବାସୀଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ ଭାବେ ଜଣାଶୁଣା। ଶିଆଳି ଫୁଲରୁ ପ୍ରସ୍ତୁତ ମହୁର ସ୍ୱାଦ ଅଧିକ ମିଠା ହୋଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ଆଦିବାସୀ ପୁରୁଷମାନେ ଶିଆଳି ଫଳରୁ ମଞ୍ଜି ବାହାର କରି ତାକୁ ପୋଡ଼ି ଖାଇଥା'ନ୍ତି ଏବଂ ଶିଆଳି ଫଳ ସ୍ଥାନୀୟ ବଜାରରେ କିଲୋ ପ୍ରତି ୨୦ରୁ ୩୦ ଟଙ୍କାରେ ବିକ୍ରି ହୋଇଥାଏ ବୋଲି ବେଲଘରର ପିଟୁକୁ ମାଝି କହନ୍ତି। କୁଟିଆ କନ୍ଧ ପୁରୁଷମାନେ ଶିଆଳି ଲଟାକୁ ସଂଗ୍ରହ କରି ସେଥିରୁ ଦଉଡ଼ି ପ୍ରସ୍ତୁତ କରିଥା'ନ୍ତି। ଶିଆଳି ଲଟାରୁ ପ୍ରସ୍ତୁତ ଦଉଡ଼ି ଅଧିକ ଶକ୍ତ ବୋଲି କହନ୍ତି ଦେଓଗଡ଼ାର ଦୟାନିଧି ଜାନି। ଶିଆଳି ଲଟାରୁ ପ୍ରସ୍ତୁତ ଦଉଡ଼ିରୁ କୁଟିଆ କନ୍ଧମାନେ ଦଉଡ଼ିଆ ଖଟ ପ୍ରସ୍ତୁତ କରି ନିକଟସ୍ଥ ହାଟରେ ବିକ୍ରି କରିଥାନ୍ତି। ତେବେ ବର୍ତ୍ତମାନ ବେଲଘର, କୋଟଗଡ଼ ଏବଂ ତୁମୁଡ଼ିବନ୍ଧ ଜଙ୍ଗଲରୁ ଶିଆଳି ଲଟା ହ୍ରାସ ପାଇବାରୁ ଆଦିବାସୀଙ୍କ ପାଇଁ ଏହା ଏକ ନୂଆ ସମସ୍ୟା ସୃଷ୍ଟି କରିଛି। ପ୍ରକୃତିର ଏହି ଦାନକୁ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ସହ ମହିଳା ଗୋଷ୍ଠୀମାନଙ୍କ ପାଇଁ କୁଟୀରଶିଳ୍ପ କ୍ଷେତ୍ର ପ୍ରସ୍ତୁତ କରି ଏହାର ମୂଲ୍ୟଯୁକ୍ତ କରିବାକୁ ଓରମାସ୍, ଜଙ୍ଗଲ ବିଭାଗ, ଟିଡିସିସି, ଆଇଟିଡିଏ, ମିସନ୍ ଶକ୍ତି ଏବଂ ଓଡ଼ିଶା ଜୀବିକା ମିସନ୍ ଭଳି ସଂସ୍ଥାମାନେ ଆଗେଇ ଆସିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। କନ୍ଧମାଳ ଜିଲ୍ଲାର ପାଣିପାଗ ଶିଆଳି ଗଛ ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଛି। ଫଳରେ ଏହାକୁ ଧ୍ୟାନରେ ରଖି ଉପକୂଳ ଅଞ୍ଚଳର ପାନବରଜ ଭଳି ଶିଆଳିକୁ ମହିଳା ଗୋଷ୍ଠୀଙ୍କ ଦ୍ୱାରା ରାଜସ୍ୱ ଜମିରେ ରୋପଣ କରାଯାଇ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ ଓ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରାଯାଇପାରିଲେ ଆଦିବାସୀ ମହିଳାମାନେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

# ବିନା ଅନୁମତିରେ ଧାରଣା ଦେବା ଉଦ୍ୟମ : ବିଜେପି ନେତାଙ୍କୁ ଉଠାଇ ଆଣିଲା ପୋଲିସ

ଜୟପୁର, ୨୧/୦୪ (ନି.ପ୍ର): ପ୍ରଶାସନର ବିନା ଅନୁମତି ଧାରଣା ଦେବକୁ ଉଦ୍ୟମ କରୁଥିବା ବେଳେ ବିଜେପି ନେତା ଓ କର୍ମିଙ୍କୁ ଉଠାଇ ଆଣିଲା ଜୟପୁର ଟାଉନ ପୋଲିସ । ଜୟପୁର ଉପ ଜିଲାପାଳଙ୍କ ଆବାସ ସମ୍ମୁଖରେ ବିଜେପି ତରଫରୁ ଧାରଣା ଦେବାକୁ ଉଧମ କରୁଥିବା ବେଳେ ପୋଲିସ ସୂଚନା ପାଇ ଅଟକାଇଥିଲ । ପୋଲିସ ଓ ପ୍ରଶାସନର ବିନା ଅନୁମତିରେ ଧାରଣା ଦେଉଥିବାରୁ ବିଜେପି ନେତା ଗୌତମ ସାମନ୍ତରାୟ ଓ ମୋହନ ମାଝୀ ସହ ୧୫ ଜଣ କର୍ମିଙ୍କୁ ଧରଣା ସ୍ଥଳରୁ ଟାଉନ ଥାନା କୁ ଉଠାଇ ଆଣିଥିଲା ପୋଲିସ । ବର୍ତମାନ ଜୟପୁର ରେ ୧୪୪ (୧) ଧାରା ଜାରି ରହିଥିବା ବଳେ ଏପରି କାର୍ଯ୍ୟ କରିଥିବାରୁ ଏମାନଙ୍କ ନାମରେ ମାମଲା ରୁଜୁ କରାଯାଇ ଜାମିନ ରେ ଛଡାଯାଇଥିବା ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଶିଶୁ ଓ ମହିଳା ବିକାଶ ସୋସାଇଟି ତରଫରୁ ଶ୍ମଶାନ ସଫେଇ

ବଲାଙ୍ଗୀର, ୨୧/୦୪ (ନି.ପ୍ର):ସ୍ୱଚ୍ଛତା ହିଁ ଧର୍ମ । ସ୍ୱଚ୍ଛତା ହିଁ କର୍ମ । ସ୍ୱଚ୍ଛତା ହିଁ ସେବା ଭାବନାକୁ ପାଥେୟ କରି ଶିଶୁ ଓ ମହିଳା ବିକାଶ ସୋସାଇଟି ତରଫରୁ ବଲାଙ୍ଗିର ବିଭୁତିପଡା ସ୍ଥିତ ଶ୍ମଶାନ ବା ସ୍ୱର୍ଗଦ୍ୱାର ସ୍ଥଳର ପରିସରକୁ ସଫେଇ କାର୍ଯ୍ୟ କରାଯାଇଛି । ଶିଶୁ ଓ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିସ୍) ଅଧକ୍ଷ ମେଜର ଡ. କଳ୍ପନା ଦାଶଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିକୁ ପୁଷ୍ପମାଲ୍ୟ ଓ ଧୂପ ପ୍ରଦାନ ଶିଶୁ ଓ ମହିଳା ବିକାଶ ସୋସାଇଟିର କର୍ମୀମାନେ କରିଥିଲେ । ମୁଖ୍ୟ ଅତିଥି ଭାବରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରବିଚନ୍ଦ୍ର ପଶାୟତ ଯୋଗ ଦେଇ ନିରନ୍ତର ସେବା ମନୋବୃତି କାର୍ଯ୍ୟ କରିବା ପାଇଁ ମତପ୍ରକାଶ କରିଥିଲେ । ତତ୍‌ପରେ ଶିଶୁ ଓ ମହିଳା ବିକାଶ ସୋସାଇଟିର ସଭ୍ୟମାନଙ୍କ ଦ୍ୱାରା ପ୍ରଥମରେ ବୃକ୍ଷରୋପଣ କରାଯାଇ ଶ୍ମଶାନର ପରିସରକୁ ସଫେଇ କରାଯାଇଥିଲା । କାର୍ଯ୍ୟକ୍ରମରେ ଦିପକସେନ ଧରୁଆ, ଚନ୍ଦ୍ରଶେଖର ସେଠ, ରଥି ବରାଡ, କୁଶଳେଶ୍ୱର ବରାଡ, ଜଗନ୍ନାଥ ସୁନା, ଧର୍ମେନ୍ଦ୍ରି କୁମ୍ବାର, ଦୁର୍ଗା ନାଗ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

# ଏହି ସବୁ ପରିବା ହୃଦ୍‌ରୋଗୀଙ୍କ ପାଇଁ ଖୁବ୍ ଭଲ: ଦୈନନ୍ଦିନ ଖାଦ୍ୟରେ ଏସବୁକୁ ସାମିଲ କରନ୍ତୁ



ହୃଦ୍‌ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । କେବଳ ବୟସ୍କ ନହଁନ୍ତି, ବରଂ ଯୁବ ବ୍ୟକ୍ତିଙ୍କ ଭିତରେ ବି ଏବେ ଏହି ରୋଗ ଦେଖିବାକୁ ମିଳୁଛି । ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ । ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା । ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା । ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ । ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ । ବିଲାତି ବାଇଗଣ ଖାଇବା ମଧ୍ୟ ଖୁବ୍ ଉପକାରୀ । ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ । ବ୍ରୋକୋଲି ଏକ ଖୁବ୍ ଭଲ ପରିବା । ଏଥିରେ ଥିବା ଭିଟାମିନ୍ ସି ହୃଦ୍‌ରୋଗ ଦମନ କରିବା ପାଇଁ ଯଥେଷ୍ଟ । ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ଏହା କେବଳ ହୃଦ୍‌ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ । ପିଆଜ ଓ ରସୁଣ ବି ହୃଦ୍‌ରୋଗୀଙ୍କ ପାଇଁ ଭଲ ହୋଇଥାଏ । ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ । ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି । ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍‌ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ ।

# ସ୍ୱାଦିଷ୍ଟ ଓ ସୁସ୍ଥକର; ନିତିଦିନ ଏହାକୁ ଖାଇଲେ ଓଜନ ବି ନିୟନ୍ତ୍ରଣରେ ରହେ


ମିଠା ଓ ଖଟାର ଫଳ ହେଉଛି ତେନ୍ତୁଳି । ବିଶ୍ୱ ସାରା ଲୋକେ ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟରେ ବ୍ୟବହାର କରିଥାନ୍ତି । କେବଳ ସ୍ୱାଦ ଦୃଷ୍ଟିରୁ ନୁହେଁ, ତେନ୍ତୁଳିର ଅନେକ ଉପକାରୀ ଗୁଣ ମଧ୍ୟ ରହିଛି । ଏହା ସ୍ୱାଦିଷ୍ଟ ହେବା ସହ ସୁସ୍ଥକର ମଧ୍ୟ । ଆପଣ ଏହାକୁ ତରକାରୀ, ଚଟଣିରେ ପକାଇ ଖାଆନ୍ତୁ କିମ୍ବା ସିଧାସଳଖ ଖାଇପାରନ୍ତି । ଏହାର ଅନେକ ଉପକାରୀ ଗୁଣ ରହିଛି । ତେନ୍ତୁଳି ଖାଇବା ଦ୍ୱାରା ଅତ୍ୟଧିକ ଚର୍ବି କମ୍ ହୋଇଥାଏ । ଓଜନ ହ୍ରାସ କରିବାକୁ ଚାହୁଁଥିଲେ ଏହାକୁ ଆପଣ ନିଜ ଖାଦ୍ୟରେ ସାମିଲ୍ କରିପାରିବେ । ନିତିଦିନ କିଛି କିଛି ତେନ୍ତୁଳି ଖାଇବା ଦ୍ୱାରା ଓଜନକୁ ଆୟ ରେ ରଖାଯାଇ ପାରେ ।



- ♦ ଦୈନନ୍ଦିନ ତେନ୍ତୁଳି ଖାଇବା ଦ୍ୱାରା ରକ୍ତରେ ଶର୍କରା ଭାଗକୁ ନିୟନ୍ତ୍ରଣ କରାଯାଇପାରେ । ମଧୁମେହ ରୋଗୀଙ୍କ ପାଇଁ ତେନ୍ତୁଳି ଖାଇବା ଖୁବ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।
- ♦ ତେନ୍ତୁଳି ଖାଇବା ଦ୍ୱାରା ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । କୋଷ୍ଠକାଠିନ୍ୟ ଓ ଡାଇରିଆ ଆଦି ସମସ୍ୟା ପାଇଁ ମଧ୍ୟ ଏହା ଔଷଧ ପରି କାମ କରିଥାଏ ।
- ♦ ତେନ୍ତୁଳି ଖାଇଲେ ହୃତ୍‌ପିଣ୍ଡ ଭଲ ରହିଥାଏ । ହୃଦ୍‌ରୋଗୀମାନେ ଏହାକୁ ଖାଇଲେ ଭଲ । ଏହା ଶରୀରରେ କୋଲେଷ୍ଟ୍ରଲ୍ ସ୍ତରକୁ ନିୟନ୍ତ୍ରଣରେ ରଖେ ।
- ♦ ତେନ୍ତୁଳି ଯକୃତ ପାଇଁ ମଧ୍ୟ ଭଲ ହୋଇଥାଏ । ଏହାକୁ ଖାଇଲେ ଯକୃତ ସଂପର୍କିତ ରୋଗ ହେବାର ସମ୍ଭାବନା ଖୁବ୍ କମ୍ ।
- ♦ ବିଭିନ୍ନ ପ୍ରକାରର ଆଲର୍ଜିରୁ ଏହା ରକ୍ଷା କରେ । ଦୈନନ୍ଦିନ ତେନ୍ତୁଳି ଖାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଆଲର୍ଜି ସମସ୍ୟା ପ୍ରାୟତଃ ନଥାଏ ।
- ♦ ଆପଣ ତେନ୍ତୁଳି ରସକୁ ମଧ୍ୟ ପିଇପାରନ୍ତି । ଏହାର ବି ଖୁବ୍ ଭଲ ଗୁଣ ରହିଛି ।

# ପିଲାଙ୍କୁ କରାନ୍ତୁ ଦାୟିତ୍ୱବାନ୍

ମା'ଗର୍ଭରୁ ପିଲା କିଛି ଶିଖି ଆସିନଥାନ୍ତି । ବରଂ ତା' ଲାଳନପାଳନରେ ଉଭୟ ମା' ଓ ବାପା ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ । ଶିକ୍ଷାର ଆମ ଦୈନନ୍ଦିନ ଜୀବନରେ ଆବଶ୍ୟକତା କେତେ, ତାହା ପିଲା ବିଦ୍ୟାଳୟ ଯିବା ପରେ ହିଁ ବିଭିନ୍ନ ଉଦାହରଣ ଦେଇ ହୃଦୟଙ୍ଗମ କରନ୍ତୁ । ପରିବାରଲୋକଙ୍କ ସହ ବାର୍ତ୍ତାଳାପ ଓ ଅତିଥି ଆସିଲେ ସେମାନଙ୍କ ବ୍ୟବହାର କିପରି ହେବା ଉଚିତ, ଏ ବାବଦରେ ମଧ୍ୟ ପିଲାଙ୍କୁ ବୁଝାନ୍ତୁ । ଅନେକଙ୍କ ପରିବାରରେ ବଡମାନେ ଅନେକ ପ୍ରସଙ୍ଗରେ କହିଦିଅନ୍ତି, ପିଲା ବଡ ହେଲେ ଆପେଆପେ ସବୁ ଶିଖିଯିବ । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍, କାରଣ ଯାହା ସେ ପିଲାଦିନେ ଶିଖେନାହିଁ, ବଡ ହେଲେ ମଧ୍ୟ ଗ୍ରହଣ କରିବନାହିଁ ।





- ↔ ପିଲାଙ୍କୁ ମାଡ ନଦେଇ ବରଂ ଆକଟ କରନ୍ତୁ । ଏହି କାମକୁ ମା' ମାନେ ବେଶ୍ ଭଲଭାବେ ତୁଲାଇପାରିବେ । ସେମାନେ କୌଣସି କଥାକୁ ନେଇ ଜିଦ୍ କଲାବେପଳେ ଅନ୍ୟ କଥା କହି ଭୁଲାଇ ଦିଅନ୍ତୁ । ଜିଦ୍ ଥରେ ପୂରଣ କଲେ ପିଲା ପରେ ଅଧିକ ଜିଦ୍ କରିବା ଥୟ ।
- ↔ ପିଲାଙ୍କ ବନ୍ଧୁ ହେବାକୁ ଚେଷ୍ଟା କରନ୍ତୁ । ଆଉ ମନେରଖନ୍ତୁ, ବନ୍ଧୁ ହେବା ପରେ ଆପଣଙ୍କ ପିଲା ଯେପରି କଥା ମାନିବାକୁ ଭୁଲିନଯାଏ ।
- ↔ ଟିଭି ଦେଖିବା ଓ ପାଠ ପଢା ସବୁର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଛୋଟ ପିଲାଙ୍କୁ ଅତିବେଶୀରେ ୨ ଘଣ୍ଟା ପାଠ ପଢାଇବାର ସମୟ ରଖନ୍ତୁ ।
- ↔ ଅଭିଭାବକ ମନେରଖନ୍ତୁ, ଶିକ୍ଷା ନିତାନ୍ତ ଜରୁରୀ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଶ୍ରେଣୀରେ ପ୍ରଥମ ହେବା ପ୍ରମୁଖ ଆବଶ୍ୟକତା ।
- ↔ ଯଦି କୌଣସି ପରିସ୍ଥିତିରେ ପରିବାରର କୌଣସି ସଦସ୍ୟ ପିଲାର ଭୁଲ୍ ଦେଖି ତାକୁ ବୁଝାଉଛନ୍ତି କିମ୍ବା ବିରକ୍ତ ପ୍ରକାଶ କରୁଛନ୍ତି, ସେଭଳି ପରିସ୍ଥିତିରେ ଆପଣ ପିଲାର ସପକ୍ଷ ନ ନେଇ ବରଂ ସେଇ ସ୍ଥାନରୁ ଚାଲିଯିବା ଉଚିତ । ପରେ ଘଟଣାର ତର୍ଜମା କରିନେବେ ।

# ନେଲପଲିସ୍ ଲଗାଇବାର ସହଜ ଉପାୟ




ନେଲପଲିସ୍ ଲଗାଇବାରେ ଏତେ ସମୟ ଖର୍ଚ୍ଚ କରିବା ପରେ ମଧ୍ୟ ଓ ପାର୍ଲରରେ ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଆମେ କରିଥିବା ମାନିକ୍ୟୋର ଖରାପ ହୋଇଯାଏ । ତେବେ କେତୋଟି ସହଜ ଉପାୟରେ ଆପଣ ଆପଣଙ୍କର ମାନିକ୍ୟୋରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖିପାରିବେ । ଆପଣ ଯଦି କୌଣସି ପ୍ରଫେସନାଲ ଠାରୁ ନେଲ୍ ପଲିସ୍ ଲଗାଉଛନ୍ତି ତେବେ ସେ ପ୍ରଥମେ ଆପଣଙ୍କ ନଖ ସଫା କରୁଥିବେ । ନେଲ୍‌ପଲିସ୍ ଲଗାନଯାଇଥିଲେ ମଧ୍ୟ ନେଲ୍‌ପଲିସ ରିମୁଭର ନିଶ୍ଚୟ ଲଗାଉଥିବେ । ସେଥିପାଇଁ ନେଲପଲିସ୍ ଲଗାଇବା ପୂର୍ବରୁ ଭଲ କ୍ୱାଲିଟିର ନେଲ୍‌ପଲିସ ରିମୁଭର ଦ୍ୱାରା ନଖ ସଫା କରନ୍ତୁ । ନଖ ସଫା କରିବା ପୂର୍ବରୁ ନଖକୁ ବେସ୍ କୋଟ ସାହାଯ୍ୟରେ ପ୍ରସ୍ତୁତ କରନ୍ତୁ ।

ଜାଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହା ସତ ଯେ ପତଳା କୋଟ୍‌ସ ଡେରିରେ ଉଠିଥାଏ । ସେଥିପାଇଁ ଦୁଇଟି ମୋଟା କୋଟ୍ ବଦଳରେ ତିନୋଟି ପତଳା କୋଟ୍‌ସ ଲଗାନ୍ତୁ । ସେଥିରେ ଦୁଇଟି କୋଟସ୍ କମ୍ ସମୟ ମଧ୍ୟରେ ଶୁଖିଯିବ ଓ ନେଲ୍ ପଲିସ୍ ଲଗାଇବା ସମୟରେ ବବଲ୍ସ ଉଠିବାର ଆଶଙ୍କା ମଧ୍ୟ ରହିବନି । ନେଲ୍ ପଲିସ୍ ଭଲ କ୍ୱାଲିଟିର ହେବା ଆବଶ୍ୟକ । ନେଲ୍ ପଲିସ୍ ଲଗାଇବା ପୂର୍ବରୁ ଟିପ୍‌କୁ ପଲିସ୍ କରିବାକୁ ଭୁଲନ୍ତୁ ନାହିଁ । ଏଥିରେ ମଧ୍ୟ ନେଲ୍ ପଲିସ୍ ଉଠିବାର ଭୟ ରହିବ ନାହିଁ । ଯଦି ଅପାଣ ଶିମରର ବ୍ୟବହାର କରୁଛନ୍ତି ତେବେ ଟିପ୍‌ସରେ କିଛି ସ୍ୱାରକଲ୍ସ ଛିଡକାଇ ଦିଅନ୍ତୁ । ଟପ୍ କୋଟ୍ ସବୁବେଳେ ମାନୀକ୍ୟୋରର ଲାଇଫ୍ ବଢାଇଥାଏ । ଆପଣ ବେସ୍ କୋଟ୍‌କୁ ଟପ୍‌କୋଟ୍ ପରି ବ୍ୟବହାର କରିପାରିବେ । ନଖର ସାଇଡରେ ଓ ତା'ର ଚାରିପାଖ ଓ ଟପ୍‌କୋଟ୍‌କୁ ବ୍ରଶ କରିବାକୁ ଭୁଲନ୍ତୁ ନାହିଁ । ନଖକୁ ଶୁଖିବାକୁ ବହୁତ ସମୟ ଲାଗେ ଓ ନେଲପଲିସ୍ ଶୁଖିଯିବା ପରେ ନଖକୁ ଥଣ୍ଡା ପାଣିରେ ବୁଡାଇ ଦିଅନ୍ତୁ ଓ ଲେଶନ୍ ଲଗାନ୍ତୁ । ଏଥିରେ ନେଲ୍ ପଲିସ୍ ଚିକ୍‌କଣ ହୋଇଯିବ ।

# ଚୁଟି ଛିଡିବାର ବଡ କାରଣ ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା

ଭଲ ଏବଂ ଦାମୀ ସାମଗ୍ରୀ ବ୍ୟବହାର କରିବା ସତ୍ତ୍ୱେ ଅନେକ ସମୟରେ ଚୁଟି ଝଡିବା କମ୍ ହୋଇନଥାଏ । ବିଶେଷଜ୍ଞମାନଙ୍କ ମତରେ ଚୁଟି ଝଡିବାର ବଡ କାରଣ ମଧ୍ୟରୁ ଗୋଟିଏ ହେଉଛି ଭୁଲ୍ ଧାରାରେ ମୁଣ୍ଡ କୁଣ୍ଡାଇବା । ଏଥିପାଇଁ ସେମାନେ କିଛି ପରାମର୍ଶ ମଧ୍ୟ ଦେଇଛନ୍ତି ।

ଯଦି ଅଧିକାଂଶ ସମୟରେ ଚୁଟି ଅଡୁଆ ହୋଇରୁଛି ତେବେ ମୁଣ୍ଡ କୁଣ୍ଡାଇବା ସମୟରେ ମୂଳରୁ ନୁହେଁ ତଳ ଆଡୁ ପାନିଆରେ ଅଡୁଆ ଛଡାଇ ଧିରେଧିରେ ଉପରକୁ ଯିବା ଆବଶ୍ୟକ । ଯାହାଦ୍ୱାରା ମୁଣ୍ଡ କୁଣ୍ଡାଇବା ସହଜ ହୋଇଥାଏ ଏବଂ ଅଡୁଆ ଚୁଟି ସଳଖ ହୋଇଥାଏ ।



ଯଦି ଆପଣଙ୍କ ଚୁଟି ଲମ୍ବା ଏବଂ ଘନ, ତେବେ ଭଲ ହେବ ମୁଣ୍ଡ କୁଣ୍ଡାଇବା ସମୟରେ ଏକାଠି ସବୁ ଚୁଟି ନୁହେଁ ବରଂ ଅଳ୍ପ ଅଳ୍ପ ଚୁଟିକୁ ପାନିଆରେ କୁଣ୍ଡାନ୍ତୁ । ଏହା କରିବା ସମୟରେ ତରତର ହୁଅନ୍ତୁ ନାହିଁ ।

ସିରମ୍ ବ୍ୟବହାର କେବଳ ଚୁଟି ଧୋଇବା ସମୟରେ ନୁହେଁ ବରଂ ଯେତେବେଳେ ଶୁଖିଲା ଥାଏ ସେତେବେଳେ ନିଜ ହାତରେ ସିରମ୍ ଲଗାଇ ପାନିଆ ବ୍ୟବହାର କରିବା ଉଚିତ୍ । ଏହାଦ୍ୱାରା ଚୁଟି ଛିଡିବା କମିଥାଏ ।

# ନିଜଠୁ ଅଧିକ ବୟସ ବ୍ୟକ୍ତିଙ୍କୁ ବିବାହ କଲେ ମିଳିଥାଏ ୪ ପ୍ରକାର ଫାଇଦା

■ **ଇନ୍‌ସିକ୍ୟୁରିଟି ହୁଏନି:** କମ୍ ବୟସର ଯୁବକଙ୍କଠାରେ ଅନେକ ସମୟରେ ନିଜ ପରିଚୟ, ପ୍ରତିଷ୍ଠା ସହ ଯୁବତୀଙ୍କୁ ନେଇ ଇନ୍‌ସିକ୍ୟୁରିଟି ରହିଥାଏ । ଅନେକ କ୍ଷେତ୍ରରେ ସେମାନେ ଅଧିକ ମାଚ୍ୟୁଅର ହୋଇ ନଥାନ୍ତି । ଫଳରେ ସେମାନେ ଅଧିକାଂଶ ସମୟରେ ନିଜ ମହିଳା ପାର୍ଟନରଙ୍କ ଉପରେ ସନ୍ଦେହ ମଧ୍ୟ କରିଥାନ୍ତି । କିନ୍ତୁ ଯୁବତୀଙ୍କଠାରୁ ଅଧିକ ବୟସର ପୁରୁଷଙ୍କଠାରେ ପ୍ରାୟତଃ ଏପରି ସମସ୍ୟା ଦେଖାଯାଇ ନଥାଏ । ସେମାନେ ଅନେକ ବୁଦ୍ଧିମାନର ସହ ସବୁ କାମ କରିଥାନ୍ତି ।

■ **ଝଗଡ଼ା କମ୍ ହୁଏ ଏବଂ ମାଚ୍ୟୁରିଟି ଅଧିକ ଦେଖାନ୍ତି:** ଅଧିକ ବୟସର ପୁରୁଷ କମ୍ ବୟସର ଯୁବତୀଙ୍କ ତୁଳନାରେ ଅଧିକ ମାଚ୍ୟୁଅର । ସେ ନିଜ ଲାଇଫ୍ ପାର୍ଟନରଙ୍କ ସମସ୍ତ ପସନ୍ଦ ନାପସନ୍ଦ ଭଲ ଭାବେ ବୁଝିଥାନ୍ତି । ନିଜ ସହଧର୍ମୀଣିଙ୍କ ଛୋଟ ଛୋଟ ଭୁଲ୍‌କୁ ନେଇ ଅଧିକ କ୍ରୋଧିତ ହୋଇ ନଥାନ୍ତି । ଏହା ଫଳରେ ପରସ୍ପର ମଧ୍ୟରେ ଝଗଡ଼ା ମଧ୍ୟ କମ୍ ହୋଇଥାଏ ।

■ **ଚେହେରା ଅଧିକ ପ୍ରଭାବ ପକାଇ ନଥାଏ:** ଅଧିକ ବୟସର ପୁରୁଷ ନିଜ ସହଧର୍ମୀଣିଙ୍କ ଚେହେରାକୁ ନେଇ ଅଧିକ ଚିନ୍ତା କରନ୍ତି ନାହିଁ, ଅନେକ କ୍ଷେତ୍ରରେ ସେମାନେ ହୃଦୟର ସହ ଭଲ ପାଇଥାନ୍ତି ଏବଂ ନିଜ ପାର୍ଟନରଙ୍କ ବ୍ୟବହାର ଓ ଅଣ୍ଡରଷ୍ଟାଣ୍ଡିଂକୁ ଅନୁଧ୍ୟାନ କରିଥାନ୍ତି । କିନ୍ତୁ କମ୍ ବୟସର ଯୁବକ ନିଜ ସହଧର୍ମୀଣିଙ୍କ ଚେହେରା ପ୍ରତି ଆକର୍ଷିତ ହୋଇଥାନ୍ତି ।

■ **ଟଙ୍କା ମ୍ୟାନେଜମେଣ୍ଟ:** ଘରର ଆର୍ଥିକ ସ୍ଥିତିକୁ କିପରି ସ୍ଥିତର ରଖାଯିବ ତାହା ବୟସରେ ବଡ଼ ସ୍ୱାମୀ ଠିକ୍ ଭାବେ ବୁଝିପାରନ୍ତି । ଅନେକ କ୍ଷେତ୍ରରେ ସେମାନେ ଅଧିକ ଖର୍ଚ୍ଚାନ୍ତ ସ୍ୱାଭାବର ହୋଇ ନଥାନ୍ତି । ସେମାନଙ୍କୁ ଟଙ୍କାର ଆବଶ୍ୟକତା ସମ୍ପର୍କରେ ଠିକ୍ ଭାବେ ଜ୍ଞାନ ଥାଏ । ଫଳରେ ସେମାନେ ଟଙ୍କାର ଠିକ୍ ଭାବେ ମ୍ୟାନେଜମେଣ୍ଟ କରିପାରିଥାନ୍ତି । ସେମାନେ ଅଧିକାଂଶ ସମୟରେ ଆଜେବାଜେ ଖର୍ଚ୍ଚ କରି ନଥାନ୍ତି । ଅନେକ କ୍ଷେତ୍ରରେ କମ୍ ବୟସର ପୁରୁଷ ଅଧିକ ଖର୍ଚ୍ଚ କରିବା ଫଳରେ ଘରର ଆର୍ଥିକ ସ୍ଥିତି ଖରାପ ହୋଇଥାଏ ।

କୁହାଯାଏ ଯେ ବୟସ ହେଉଛି ଏକ କେବଳ ଏକ ସଂଖ୍ୟା । ଜଣେ ବୟସ୍କଙ୍କୁ ବିବାହ କଲେ ବି ଆପଣଙ୍କଠାରୁ ୧୦ରୁ ୧୫ ବର୍ଷ ଅଧିକ ବୟସ୍କ ଏହା ସାମାନ୍ୟ ଆଶ୍ଚର୍ଯ୍ୟକର ହୋଇପାରେ, କିନ୍ତୁ ଏହା ଆଦୌ ଭୁଲ ନିଷ୍ପତି ନୁହେଁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆମେରିକାର ଭାବମୂର୍ତ୍ତି...

ଏଡ୍‌ୱାର୍ଡ୍ ସ୍ନୋଡେନ୍-ଜଣେ ହିସିଲ୍ ବ୍ଲୋୟର ବା ସତ୍ୟ ଉଜାଗରକାରୀ ପ୍ରାୟ ଏକ ଦଶନ୍ଧି ପୂର୍ବେ ବିଶ୍ୱର ବିଭିନ୍ନ ନେତାମାନଙ୍କ ଉପରେ ତଥା ସାଧାରଣ ଆମେରିକୀୟଙ୍କ ଉପରେ ୱାଶିଂଟନ୍ କିପରି ବ୍ୟାପକ ପରିମାଣର ସତର୍କ ଦୃଷ୍ଟି ରଖୁଛି ଏବଂ ଗୁଇନ୍ଦାଗିରି କରୁଛି, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । ସମ୍ପ୍ରତି ପୁଣିଥରେ ପେଣ୍ଟାଗନ୍‌ରୁ ପ୍ରଘଟିତ ହୋଇଥିବା ବିପୁଳ ପରିମାଣର ଦଲିଲ ଦସ୍ତାବିଜଗୁଡ଼ିକ ଆମେରିକା ସମଗ୍ର ବିଶ୍ୱକୁ କେଉଁ ଦୃଷ୍ଟିରେ ଦେଖେ ଏବଂ ସେହି ଅନୁସାରେ କିପରି ତା'ର କାର୍ଯ୍ୟ ସମ୍ପାଦନ କରିଥାଏ, ତା'ର ଏକ ଭୟଙ୍କର ବାସ୍ତବତାର ପର୍ଦ୍ଦାଫାଶ କରିଛି । ଅନେକ ଗୁଡ଼ିଏ ଗୋପନୀୟ ସାମରିକ କାଗଜପତ୍ର ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମର ମଞ୍ଚଗୁଡ଼ିକରେ ଘୁରି ବୁଲୁଛି, ଯାହାସବୁ ଆମେରିକାର ଜଣେ ୨୧ ବର୍ଷୀୟ ଏୟାର ନ୍ୟାସନାଲ ଗାର୍ଡସମ୍ୟାନ୍‌ଠାରୁ ମିଳିବା ପରେ ପ୍ରଘଟିତ ହୋଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ମାର୍ଚ୍ଚ-ଏପ୍ରିଲରେ ଏସବୁ ଡିସ୍କର୍ଡ ଏବଂ ୪ ଚାରେ ପ୍ରକାଶିତ ହୋଇଥିବା ଜଣା ପଡ଼ିଛି । ଏହି ଦସ୍ତାବିଜଗୁଡ଼ିକ ଆମେରିକାର ଅନେକ ପ୍ରମୁଖ ପ୍ରକାଶନୀଗୁଡ଼ିକରେ ସମ୍ବାଦ ସ୍ତମ୍ଭ ଭାବରେ ପ୍ରକାଶିତ ହେବାକୁ ଖୋରାକ ଯୋଗାଇବା ପରେ ଅନେକ ପ୍ରକାରର ସମ୍ବାଦ ସର୍ବସାଧାରଣଙ୍କ ସମ୍ମୁଖକୁ ଆସିଛି । ଏସବୁରୁ ଜଣାପଡ଼ିଛି ଯେ ସମ୍ପ୍ରତି ଏକ ବର୍ଷରୁ ଅଧିକ ସମୟ ହେବ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆମେରିକାର ମନୋଭାବ କିପରି ରହିଛି । ୟୁକ୍ରେନ୍‌ର ସାମରିକ ସାମର୍ଥ୍ୟ ଉପରେ ଆମେରିକାର ଆଦୌ ଭରସା ନାହିଁ । କିନ୍ତୁ ଏକଥା ୱାଶିଂଟନ୍ କେବେ ହେଲେ ଖୋଲାଖୋଲି ପ୍ରକାଶ କରିନାହିଁ । ହେଲେ ୟୁକ୍ରେନ୍‌କୁ ବିପୁଳ ପରିମାଣର ସାହାଯ୍ୟ ଯୋଗାଇ ଚାଲିଛି । ଅନ୍ୟ ଏକ ତଥ୍ୟ ଅନୁସାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ମୃତାହତଙ୍କ ସଂଖ୍ୟାକୁ ନେଇ ଆମେରିକା ବିଶ୍ୱାସ କରେ ଯେ ୟୁକ୍ରେନ୍ ଅପେକ୍ଷା ରୁଷିଆର ଅଧିକ ସଂଖ୍ୟକ ସୈନ୍ୟ ଯୁଦ୍ଧରେ ମୃତ୍ୟୁବରଣ କରିଛନ୍ତି, ଆଉ ରୁଷିଆ ଏହାକୁ ଲୁଚାଉଛି । ଏସବୁ ମଧ୍ୟ ଉଲ୍ଲେଖ କରିଥାଏ ଯେ ଆମେରିକା ଏବଂ ଏହାର ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରଗୁଡ଼ିକ, ବିଶେଷକରି ଯୁକ୍ତରାଜ୍ୟ ସର୍ବସାଧାରଣରେ ଯେତିକି ସତ ପ୍ରକାଶ କରିବାକୁ ଗ୍ରହଣ କରୁ ନାହାନ୍ତି, ତା'ଠୁ ଢେର୍ ଅଧିକ ଗୁଣରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ବ୍ୟାପ୍ତିତ ଅଛନ୍ତି । ଦସ୍ତାବିଜଗୁଡ଼ିକ ଅନୁସାରେ ଆମେରିକା ଓ ଯୁକ୍ତରାଜ୍ୟର ବିଶେଷ ସେନାବଳଗୁଡ଼ିକ ୟୁକ୍ରେନ୍‌ର ସୀମା ଭିତରେ ଅନେକ ଦିନ ହେବ ଯୁଦ୍ଧ କରିବା ଅପେକ୍ଷାରେ ରହି ଆସୁଛନ୍ତି, ଯେଉଁମାନେ ଆଦେଶ ମିଳିବା ମାତ୍ରେ ଯୁଦ୍ଧ ଆରମ୍ଭ କରିଦେବେ । କହିବା ବାହୁଲ୍ୟ, ଏହା ରୁଷିଆ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଭିତରେ ଯେ କୌଣସି ମୁହୂର୍ତ୍ତରେ ଯୁଦ୍ଧ ଲାଗିବାର ଆଶଙ୍କା ସୃଷ୍ଟି କରିଛି । ଯେଉଁସବୁ ଦସ୍ତାବିଜ ପ୍ରଘଟ ହୋଇଛି, ସେସବୁର ଉନ୍ମୋଚନ ଏବଂ ସେଥିଁତି ପ୍ରକାଶ ପାଇଥିବା ପ୍ରତିକ୍ରିୟାଗୁଡ଼ିକରୁ ଦୁଇଗୋଟି ଅନ୍ୟ ନିଷ୍କର୍ଷ ମଧ୍ୟ ବାହାର କରାଯାଇପାରେ । ପ୍ରଥମଟି ହେଉଛି, ଆମେରିକା ସବୁ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କୁ ଯଦିଓ ନିଜର ସମଧର୍ମା ବୋଲି ଦର୍ଶାଉଛି ଏବଂ ସେମାନଙ୍କ ସହିତ ମିତ୍ରତା ସ୍ଥାପନ କରିବାକୁ ଚାହୁଁଛି ବୋଲି ବଡ଼ ବଡ଼ କଥା କହୁଛି, ପ୍ରକୃତରେ କିନ୍ତୁ ସେସବୁର କ୍ୱଚିତ୍ କିଛି ସତ୍ୟତା ରହିଛି । ବରଂ ସତ ହେଉଛି, ଏହା କାହାରିକୁ ବିଶ୍ୱାସ କରୁନାହିଁ । ଦସ୍ତାବିଜଗୁଡ଼ିକ ଅନୁସାରେ ଆମେରିକାର ଗୁଇନ୍ଦା ଏଜେନ୍ସିଗୁଡ଼ିକ ଏହାର ଏକ ବଡ଼ ମିତ୍ର ରାଷ୍ଟ୍ର ଭାବରେ ପରିଚିତ ଦକ୍ଷିଣ କୋରିଆର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଉପରେ ତୀକ୍ଷ୍ଣଣ ଦୃଷ୍ଟି ରଖୁବା ସହିତ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ କାର୍ଯ୍ୟକଳାପ ଉପରେ ମଧ୍ୟ ଟ୍ରେନ ଦୃଷ୍ଟି ରଖୁଛନ୍ତି, ଯଦିଓ ସାମ୍ପ୍ରତିକ ଯୁଦ୍ଧ ସମୟରେ ଆମେରିକା ଏହାକୁ ଅସ୍ତ୍ରଶସ୍ତ୍ରଠୁ ଆରମ୍ଭ କରି ବିଭିନ୍ନ ପ୍ରକାରର ସହାୟତା ଯୋଗାଇ ଦେଉଛି । ବର୍ତ୍ତମାନ ସମୟରେ ଯେତେବେଳେ ସମଗ୍ର ବିଶ୍ୱରେ ସରକାରମାନେ ସବୁ କଥାକୁ ଛାଣି କରି ବା ସେସବୁର କାଣ୍ଟଛାଣ୍ଟ କରିବା କି ତା' ଉପରେ କଟକଣା ଲଗାଇବାରେ ହେଳା କରୁ ନାହାନ୍ତି, ସେ କ୍ଷେତ୍ରରେ ଗଣମାଧ୍ୟମ ସେମାନଙ୍କ ପାଇଁ ଆଉ ସେସବୁ କାମ କରିବାର ଆବଶ୍ୟକତା ନାହିଁ । ଅପର ପକ୍ଷରେ, ରୁଷୀୟ ଉପ-ପ୍ରଧାନମନ୍ତ୍ରୀ ଡେନିସ୍ ମନ୍ତୁରୋଭଙ୍କ ଭାରତ ଗସ୍ତ କାଳରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ବୃଦ୍ଧି କରିବା ଉପରେ ଆଲୋଚନା ହୋଇଛି । ଉଭୟ ପକ୍ଷ ଅର୍ଥାତ୍ ଭାରତ ଓ ରୁଷିଆ ସେମାନଙ୍କ ମଧ୍ୟରେ ରହିଥିବା ବାଣିଜ୍ୟିକ ଅସନ୍ତୁଳନ ଅବସ୍ଥାରେ ସୁଧାର ଆଣିବା ପାଇଁ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଆଗାମୀ ଦିନରେ ମୋଦୀଙ୍କର ଆମେରିକା ଗସ୍ତ କାଳରେ ରୁଷୀୟ ଉପ-ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ପୃଷ୍ଠଭୂମିରେ ଭାରତ ପ୍ରତି କେଉଁ ଭଳି ମନୋଭାବ ପ୍ରକାଶ କରୁଛି, ତାହା ଅଧିକ ସ୍ପଷ୍ଟ ହେବ । କିନ୍ତୁ ଉପରୋକ୍ତ ପେପରଗୁଡ଼ିକ ପ୍ରଘଟ ହେବା ଫଳରେ ଆମେରିକା ଭାବମୂର୍ତ୍ତି ଯେ ବିଶ୍ୱ ବକ୍ଷରେ ମ୍ଳାନ ହୋଇଛି, ତାହା ଅବଶ୍ୟ କୁହାଯାଇପାରେ ।

## ନିର୍ବାଚନ ଏବଂ ଉପନିର୍ବାଚନ




ବିଷ୍ଣୁ ପ୍ରସାଦ ଦାସ


ଗଣତାନ୍ତ୍ରିକ ପଦ୍ଧତିରେ ଆମ ଦେଶରେ ପ୍ରତି ପାଞ୍ଚ ବର୍ଷରେ ନିର୍ବାଚନ ହୁଏ, ତାହା ଛଡା ଅନେକ ଉପନିର୍ବାଚନ ମଧ୍ୟ ହୋଇଥାଏ ଓ ନିର୍ବାଚନ ହେଉ କିମ୍ବା ଉପନିର୍ବାଚନ ହେଉ ରାଷ୍ଟ୍ରୀୟ ଦଳ, ଆଞ୍ଚଳିକ ଦଳ ତଥା ଅନେକ ଛୋଟ ବଡ଼ ଦଳର ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରି ନିର୍ବାଚନରେ ଅନ୍ୟଦଳ ସହିତ ଲଢ଼ି ଜିତିବାର ଆଶା ନେଇ ନିଜର ରଣ କୌଶଳ ନିର୍ଧାରଣ କରିଥାନ୍ତି ଓ ଭାଇ! ଆପଣମାନେ ଦେହକୁ ନେବେନାହିଁ, କେତେଗୁଡିଏ ଅପ୍ରିୟ ସତ୍ୟ କହିବାକୁ ଯାଉଛି ଓ ନିକଟ ଅତୀତରେ ନିର୍ବାଚନ ସରିଗଲା, ଆଗକୁ ଆହୁରି ଅନେକ ନିର୍ବାଚନ, ଉପ ନିର୍ବାଚନ ଆସୁଛି ସେ ଯେ କୌଣସି ନିର୍ବାଚନ ହେଉ ସେଥିରେ କିଛି କ୍ଷମତା ହାସଲ କଲେ ଆଉ କେତେକ ଆଶାୟୀ ନିଜର ପରାଜୟ ସ୍ୱୀକାର କଲେ ଏହାତ' ଏକ ସାଧାରଣ କଥା ଏଥିରେ ନୂତନତ୍ୱ କିଛି ନାହିଁ, ସବୁ ଦଳ ବା ସବୁ ପ୍ରାର୍ଥୀ ତ' ଆଉ ଜିତିବେ ନାହିଁ? ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ସବୁ ଦଳ ତଥା ନିର୍ଦ୍ଦଳୀୟ ଆଶାୟୀ ତତ୍ପରତା ପ୍ରକାଶ କରିବା ସ୍ୱାଭାବିକ କଥା, କେତେ କଳ୍ପନା ଜଳ୍ପନା ଆଉ ରଙ୍ଗୀନ ସ୍ୱପ୍ନ ଭରା ଅଶାର ବୈତରଣୀ ନଦୀ ପାରିହେବା ପାଇଁ ସମସ୍ତେ ଚଂଚଳ ଆଉ ଜିତିବାର ଏକ ଖସଡ଼ା ପ୍ରସ୍ତୁତ କରିବାରେ ବ୍ୟସ୍ତ ଓ ନିର୍ବାଚନ ଆୟୋଗଙ୍କ ନିୟମ ଭିତରେ ରହି ପ୍ରାର୍ଥୀମାନେ ନିଜ ପ୍ରାର୍ଥୀପତ୍ର ଦାଖଲ ଆଉ ନିର୍ବାଚନ ଚିହ୍ନ ପାଇବାପରେ ପୋଷ୍ଟର ଛପା ତଥା ବିଭିନ୍ନ ନିର୍ବାଚନୀ ବିଜ୍ଞାପନ ଦ୍ୱାରା ସର୍ବସାଧାରଣ ସ୍ଥାନକୁ ଏପରିଭାବେ କରାୟତ କରିନିଅନ୍ତି ଯେ, ତାହା ବେଳେ ବେଳେ ଅତି ଅସହ୍ୟ ହୋଇପଡେ ଓ ବିଜୁଳିବତି ଖୁଣ୍ଟ, ଘରଦ୍ୱାର, ଗଛ ଲତା, ଛକ ଜାଗାର ଟ୍ରାଫିକ ସଂକେତ, ଛକ, ପାର୍କ ତଥା ଆଖି ଦୃଶିଆ ଜାଗା ଉପରେ ଥିବା ମନୀଷୀ ମାନଙ୍କ ପ୍ରତିମୂର୍ତ୍ତି, ପଥ ପ୍ରଦର୍ଶକ ଫଳକ, ଶିକ୍ଷାନୁଷ୍ଠାନ, ବସ, ଟ୍ରକ, ଅଟୋ, କାର, ରେଳଗାଡ଼ି, ଫୁଟପାଥ , ପ୍ରାଚୀର , ରାଜ ରାସ୍ତା ଯେଉଁଠି ଦେଖିବେ ଖାଲି ପୋଷ୍ଟର ଆଉ ଦଳୀୟ ପ୍ରଚାରରେ ବ୍ୟବହୃତ ସାମଗ୍ରୀରେ ରଙ୍ଗାୟିତ ହୋଇ ଯାଇଥାଏ ଓ ନିର୍ବାଚନ ଆୟୋଗଙ୍କ କ'ଣ ନିର୍ଦ୍ଦେଶ ରହିଛି ତା' ତ' ସାଧାରଣ ଜନତା ଜାଣି ନାହାନ୍ତି, ତେବେବି ଜାଣି ବିରୋଧ କଲେ ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡିବା ଭୟରେ ପ୍ରାୟ ନୀରବ ଦର୍ଶକ ସାଜିବାକୁ ଶ୍ରେୟ ମଣିଥାନ୍ତି ଓ ପ୍ରାର୍ଥୀ ମାନେ ଦଳ, ବଳ, କଳା କୌଶଳ ଦେଖାଇ ନିଜ ଜୀବନକୁ ବି ବେଳେ ବେଳେ ବାଜି ଲଗାଇ ଦେଇ ଥା'ନ୍ତି ଓ ଖାଲି ପୋଷ୍ଟର, ବ୍ୟାନର, ହୋର୍ଡ଼ିଂଗ ପରେ ପ୍ରଚାର ପାଇଁ ବ୍ୟବହୃତ ଡ଼ାକବାଜି ଯନ୍ତ୍ର, ଅତିଉଚ୍ଚ ଶବ୍ଦ କରୁଥିବା ଡ଼ି: ଜେ ସୁସ୍ଥ ବ୍ୟକ୍ତିର କର୍ଣ୍ଣକୁ ଖୁବ କଷ୍ଟ ଦିଏ, ବୟସ୍କ ବ୍ୟକ୍ତି, ରୋଗୀ ଏହି ଛାତି ଥରା ଶବ୍ଦରେ ତ୍ରାହି ତ୍ରାହି ଡାକ ଦିଅନ୍ତି ତଥା ମାନସିକ ଭାରସାମ୍ୟ ହରାଇବାର ବି ନଜିର ଅଛି ଓ ନିର୍ବାଚନୀ ପ୍ରଚାର ପାଇଁ ଅନେକ ତାରକା ପ୍ରଚାରକ, ଅତି ଉଚ୍ଚ ପଦାଧିକାରୀ, ନେତା, ମନ୍ତ୍ରୀ, ନିଜର ରାଜକାର୍ଯ୍ୟ ଛାଡ଼ି ପ୍ରାଣପଣେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାରେ ନିଜକୁ ସମର୍ପିତ କରିଦେଇ ଥା'ନ୍ତି, ଆଚ୍ଛା କୁହନ୍ତୁତ ଯଦି ଜଣେ କର୍ମଚାରୀ ଅଫିସ କାମ ନ'କରି ଅନ୍ୟ କାମ କରୁଛି ତେବେ ତା'କୁ ଛୁଟି ନେବାକୁ ହୁଏ ନଚେତ ଦରମା କଟିଯାଏ କିନ୍ତୁ ଏହି ନେତା ମନ୍ତ୍ରୀ ମାନେ କ'ଣ ଛୁଟିନେଇ ପ୍ରଚାର ପାଇଁ ଯାଆନ୍ତି କି? ତା'ଙ୍କ ଦଳୀୟ ପ୍ରଚାର ପାଇଁ ସର୍ବସାଧାରଣ ଙ୍କ ଟିକସ ପଇସାରୁ ଦରମା, ଭତ୍ତା ନେଇ ରାଜକାର୍ଯ୍ୟକୁ ପଛରେ ପକାଇବା କେତେଦୂର ଯୁକ୍ତିଯୁକ୍ତ? ଦଳୀୟ କର୍ମୀ ତଥା କିଛି ସ୍ଥାନରେ ଅସାମାଜିକ ବ୍ୟକ୍ତି ବିଶେଷ ଏହାର ସୁଯୋଗ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ପ୍ରଚାର ସମୟରେ ଅନେକ ସ୍ଥାନରେ ଦଙ୍ଗା, ମୃତାହତ ହେବାର ଖବର ମଧ୍ୟ ମିଳେ ଓ ପ୍ରଶାସନ କିଂକର୍ତ୍ତବ୍ୟ ବିମୂଢ଼ / ନୀରବରେ ଉପରିସ୍ଥ ହାକିମଙ୍କ ନିର୍ଦ୍ଦେଶରେ ଇଛାରେ ହେଉ ବା ଇଛା ବିରୁଦ୍ଧରେ ହେଉ ନିଜର କାର୍ଯ୍ୟ ନିର୍ବାହ କରିବାକୁ ଚେଷ୍ଟିତ ଥାଏ ନଚେତ ପ୍ରଶାସନର କ୍ରୋଧର ଶିକାର ହେବା ନିଶ୍ଚିତ ।

ଟେଲିଭିଜନରେ ଗୋଟିଏ ଗୋଟିଏ ବିଜ୍ଞାପନକୁ ଏକଘଣ୍ଟା ଭିତରେ ଦଶଥରରୁ ବି ବେଶୀ ଦେଖାଉଥିବା ପରି ଅବସ୍ଥା, ଦର୍ଶକ କ'ଣ ଏତେ ଶୀଘ୍ର ଭୁଲିଯାଉଛନ୍ତି ଯେ, ତୁମେ ଟଙ୍କା ଲୋଭରେ ବିଜ୍ଞାପନକୁ ଏତେଥର ପୁନଃ ପ୍ରସାରଣ କରୁଛ ? ଏହା ଦର୍ଶକଙ୍କୁ ଆଖିରେ ଆଙ୍ଗୁଳି ଗେଞ୍ଜି ଲୁଟିବା ଛଡା କିଛି ନୁହେଁ ଓ ଲୋକ କ'ଣ ଜାଣି ନାହାନ୍ତି ଯେ, କିଏ କ'ଣ ଆଉ କୋଉ ସାମଗ୍ରୀ ଭଲ କି ଖରାପ ? ଠିକ ସେହିପରି ନିର୍ବାଚନୀ ପ୍ରଚାର ଚାଲିଥାଏ, ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କୁ ଟିକେ ଶାନ୍ତିରେ ଏମାନେ ରଖିବାକୁ ଦେଇନଥା'ନ୍ତି, ଭାଇ!, ଲୋକ ଥରେ ଦୁଇଥର ଜାଣିଗଲେ ତ' ଗଲା ଆଉ ପ୍ରତି ମିନିଟରେ କେହି ନା' କେହି ଡ଼ାକବାଜି ଯନ୍ତ୍ରରେ ପ୍ରଚାର ଚଳାଇଥିବେ, ନା' ଆପଣ ଶାନ୍ତିରେ ଟିକେ ସୋଇ ପାରିବେ ନା' ବସିପାରିବେ ଓ ଏହାଉପରେ କ'ଣ କଟକଣା ଲାଗି ପାରିବ ନାହିଁ ? ଜନତା ଅତିଷ୍ଠ ହୋଇ ଶେଷରେ 'ନୋଟା'କୁ ଭୋଟ ଦେଇ ଦେଉଛନ୍ତି ଓ ଆଜିକାଲି ଶିକ୍ଷିତ ବା ଅଶିକ୍ଷିତ ସବୁ ଆଶାୟୀ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଏକପ୍ରକାର ଓ ଚୌକି ଏବଂ କ୍ଷମତା ଲୋଭ ପାଇଁ ମାନବିକତା ଶୂନ୍ୟ ବଳ ପ୍ରୟୋଗ ଏକ ସାଧାରଣ ବିଷୟ ଓ ଗୁଣୀ ଜ୍ଞାନୀ କେତେଜଣ ଏହାକୁ ବିରୋଧ କରୁଛନ୍ତି? ପ୍ରଶାସନ କାହିଁକି ନିରବ ଦ୍ରଷ୍ଟା ସାଜିଛି? ନିର୍ବାଚନ ଆୟୋଗ କ'ଣ ସତରେ ଏସବୁ ବିଷୟରେ ଅଜ୍ଞ ନା 'ବିଲେଇ ଆଖିବୁଜି କ୍ଷୀର ପିଇବାର' ଛଳନା କରୁଛନ୍ତି? ଜଣେ ସାଧାରଣ ନାଗରିକର କ'ଣ ଏହିସବୁ ଜାଣିବାର ଅଧିକାର ନାହିଁ? ଯଦି ନାହିଁ ତେବେ ସବୁଠୁ ଚୁପ ଭଲ ଓ ଏହି ଖୁଲମ ଖୁଲା ଡ୍ରାମା ଭୋଟ ଗ୍ରହଣର ୩୬ ଘଣ୍ଟା ପୂର୍ବରୁ ବନ୍ଦ ହୁଏ କିନ୍ତୁ ଆଉ ଗୋଟିଏ କଷ୍ଟ ପ୍ରାର୍ଥୀମାନେ ରାତି ଅଧରେ ବି କବାଟ ବାଡେଇ ନିଜ ପାଇଁ ଭୋଟ ଭିକ୍ଷା କରନ୍ତି କିଛି କିଛି ସ୍ଥାନରେ ଉପହାର ବି ଦେଇଥାନ୍ତି ଓ ଠିକ ଅଛି ଯିଏ ଯାହା ଭାବିଲା ଭାବୁ ଆଉ 'ଯାହାକୁ ଯିଏ ରସିଲା କିଆ ଫୁଲ ପରି ବାସିଲା' ସେଥିରେ ଆମର କ'ଣ ଯାଏ ଆସେ? ଆମେ ହେଲୁ 'ଅଦା ବେପାରୀ ଜାହାଜ କାହିଁକି ମୂଲ କରିବୁ?' ଯେଉଁଦଳ ସଂଖ୍ୟାଗରିଷ୍ଠତା ପାଇ ଶାସନ କରୁଥାଏ ସେହି ଦଳ ମଧ୍ୟ ଉପନିର୍ବାଚନପାଇଁ ଜୀବନ ଲଗେଇ ପ୍ରଚାର ପ୍ରସାର କରିବାକୁ ପଛାଇ ନ'ଥାଏ, ସତେ ଯେମିତି ଉପନିର୍ବାଚନରେ ତା'ଙ୍କ ପ୍ରାର୍ଥୀ ହାରିଗଲେ ସରକାର ଭାଙ୍ଗିଯିବ, କଳେ ବଳେ କୌଶଳେ ଜିତିବା ଜରୁରୀ ତେଣିକି ଯାହା ହେଉଛି ହେଉ ଓ ଯଦି ପ୍ରାର୍ଥୀ ଉତ୍ତମ ନାଗରିକ ଏବଂ ଦେଶ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବ, ଜନତା ତା'ଙ୍କୁ ହୃଦୟରୁ ପସନ୍ଦ କରୁଥିବେ ତେବେ ସ୍ୱତଃପ୍ରବୃତ ଭୋଟ ପାଇ ନିର୍ବାଚିତ ହେବ ଆଉ ଯଦି ଅଗା, ବଗା, ଖଗା, ପ୍ରିୟାପ୍ରୀତି ତୋଷଣ, ପାରିବାରିକ ପ୍ରାର୍ଥୀ, ସହାନୁଭୂତି ଯୁକ୍ତ ପ୍ରାର୍ଥୀ ହୁଅନ୍ତି ତେବେତ' କଥା ସରିଲା ଓ କେନ୍ଦ୍ର, ରାଜ୍ୟ, ବିରୋଧୀ ସବୁ ମହା କୁମ୍ଭ ମେଳାରେ ଏକତ୍ରିତ ହୋଇ ନିଜ ସ୍ୱାର୍ଥ ପାଇଁ କ୍ଷମତାର ଲଢେଇ କରନ୍ତି ସାଧାରଣ ନାଗରିକଙ୍କ ଟିକସ ପଇସାରେ ଖେଳ ଦେଖାନ୍ତି, ଏଇତ' ଆମ ଗଣତନ୍ତ୍ର ଏବଂ ବିଶ୍ୱରେ ଏକ ନମ୍ବର ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷର ଭାଗ୍ୟ । ନିର୍ବାଚନ ସରିଲା ଜିଣିଥିବା ପ୍ରାର୍ଥୀଙ୍କ ଖୁସି ଆଉ ଜାକଜମକ ପଟୁଆରରେ ମେଦିନୀ କମ୍ପି ଯାଏ କି ନାଚ? କି ଗୀତ ? କି ବାଜା ? କି ରୋଷଣୀ? ଆଉ ହଜାର ହଜାର ସଂଖ୍ୟାରେ ଗୋଡାଣିଆଙ୍କ ସହ ସତେ ଯେମିତି ଉତ୍ତର କୋରିଆର ଶାସକ କିମ ଜୋଙ୍ଗ ପରି ମୃତ୍ୟୁ ପର୍ଯ୍ୟନ୍ତ ଗାଦିରେ ରହିବାର ସାମ୍ବିଧାନିକ ସ୍ୱୀକୃତି ପ୍ରାପ୍ତ ବ୍ୟକ୍ତି ପରି ବିରାଟ ପଟୁଆର ଧରି ଚାଲିଥାନ୍ତି ଓ ଭାଇ!, ଯେଉଁ ଗଛରେ ଫଳ ଭର୍ତ୍ତି ଥାଏ ସେ ନଇଁପଡେ, ବିନୟୀ ହୁଏ କିନ୍ତୁ ଆପଣମାନେ ତ' ମଦମସ୍ତ ହସ୍ତୀ ସଦୃଶ ସେବା ବଦଳରେ ପରାକ୍ରମଃ ଦେଖାଇବାର ବୃଥା ଚେଷ୍ଟା କରୁଛନ୍ତି, ଇତିହାସ କହେ ଅନେକ ପରାକ୍ରମୀ ଆସିଛନ୍ତି ଆଉ କାଳର କରାଳ ଗତିରେ ସବୁ ଲୀନ ହୋଇ ଯାଇଛନ୍ତି ତେଣୁ ଲୋକଙ୍କ ଆସ୍ଥା ଜିଣିବାକୁ 'ମୁନିବ' ନ' ହୋଇ 'ସେବକ' ହେବା ଉଚିତ ଓ ବିଧାନସଭା / ସଂସଦ ଅଧିବେଶନ ସମୟରେ ଜନତା ଟି:ଭି ପରଦାରେ ଦେଖନ୍ତି ଗଣତନ୍ତ୍ରର ମନ୍ଦିର ଭିତରେ ନିର୍ବାଚିତ ପ୍ରତିନିଧି ମାନେ କିପରି ଶୃଙ୍ଖଳିତ ଆଚରଣ କରନ୍ତି ଆଉ କେତେ ଗଣତନ୍ତ୍ରର ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦିଅନ୍ତି, ଏହିପରି ଲଜ୍ଜାଜନକ ଦୃଶ୍ୟକୁ ସର୍ବସାଧାରଣଙ୍କୁ ବରଂ ନ'ଦେଖାଇଲେ ଭଲ ହୁଅନ୍ତା ଓ ଆଉ ଗୋଟିଏ ବଡ଼ କଥା ହେଲା ନିର୍ବାଚନ ପରବର୍ତ୍ତୀ ଦାୟିତ୍ୱ କାହାର କେତେ? ହାରି ଥିବା ପ୍ରାର୍ଥୀଙ୍କ ଏବଂ ଜିତିଥିବା ପ୍ରାର୍ଥୀଙ୍କ ସମସ୍ତଙ୍କ ଦାୟିତ୍ୱ ସହର ବଜାର, ଗାଁ, ଗଣ୍ଡା ରାସ୍ତା , ଘାଟ ଯେଉଁଠି ଯେଉଁଠି ଆପଣ ମାନେ ନିର୍ବାଚନୀ ପୋଷ୍ଟର ଲଗାଇଛନ୍ତି ତାହାକୁ ବାହାର କରିବା, ସହରର ସୌନ୍ଦର୍ଯ୍ୟକୁ ପୂର୍ବବତ ଫେରାଇ ଆଣିବା ଓ କିନ୍ତୁ ଏସବୁ କରିବାକୁ କାହା ପାଖରେ ସମୟ ଅଛି? ପର ଛିଦ୍ର ଖୋଜିବା ଏବଂ ତା'କୁ ନେଇ ଉତ୍ତେଜନା ସୃଷ୍ଟି କରିବା ହାରିଥିବା ପ୍ରାର୍ଥୀଙ୍କ ପ୍ରଧାନ କାର୍ଯ୍ୟ ହୁଏ ଓ ପୋଷ୍ଟର ବ୍ୟାନର ଗୁଡିକ ଅନେକ ଛୋଟ ବଡ଼ ଦୁର୍ଘଟଣାର କାରଣ ହେଉଛି, ସୁତୁଲିରେ ଲଗାଯାଇଥିବା ପତାକା ଛିଡି ରାସ୍ତାରେ ପଡୁଛି ଦୁଇ ଚକିଆ ଗାଡି ଚକରେ ପଶି ଅନେକ ଦୁର୍ଘଟଣା ହେଉଛି, ରାସ୍ତା ଘାଟ ବିଭିନ୍ନ ଦଳୀୟ ପତାକା, ଚିନ୍ହ ଦ୍ୱାରା ଅପରିଷ୍କାର ହେଉଛି, ସହରର ସୌନ୍ଦର୍ଯ୍ୟ ଊଣା ଅଧିକେ କମିଯାଉଛି ଓ ର୍ନିଚନ ଆୟୋଗ, ପ୍ରଶାସନ ଏହି ସବୁ ବିଷୟରେ ପଦକ୍ଷେପ ନେବା ତଥା ଦଳୀୟ ପ୍ରାର୍ଥୀମାନେ ନିଜ ନିଜ ଇଲାକାରୁ ନିଜ ଜିନିଷ ଦଳୀୟ ଚିନ୍ହ ଖୋଲି ସୁନାଗରିକର ପରିଚୟ ଦେବାକୁ ଅନୁରୋଧ । ଏଠାରେ କାହାରିକୁ ଆକ୍ଷେପ କରି କିମ୍ବା କୌଣସି ରାଜନୈତିକ ଦଳଙ୍କୁ ଅପମାନ କରି ଲେଖା ଯାଇନାହିଁ, ସବୁ ରାଜନୈତିକ ଦଳ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ଓ ଏକ ସାଧାରଣ ବିଷୟକୁ ଆଲୋଚନା କରାଯାଇଅଛି, ଯଦି କେହି ଆଘାତ ପାଇଥା'ନ୍ତି ତେବେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି ।


♥ ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## ସୀମା ପାଖ ବାସିନ୍ଦା




ଅଜୟ କୁମାର ବେହେରା


ଏ ପାଖେ ଚଡ୍ଡ଼ରା ସେପାଖେ ମଥୁରା ମଧରେ ଗୁଂଜରେ ନଇ । ଏ ନଇ ଯମୁନା ନିଶ୍ଚୟ, ପ୍ରକୃତରେ କେବଳ ଯମୁନା ନୁହେଁ ପ୍ରତି ନଦୀର ଏକ ପଟ ଧୋୟା। ଆରପଟ ନିଧୋୟା। ବନ୍ୟା ସମୟରେ ଆକ୍ରାନ୍ତ ହୁଅନ୍ତି ଧୋୟା ପଟ। ଯଦିବା ମନୁଷ୍ୟ ତ୍ରାଣ ପାଇଁ ବହୁ ବିଧ ଉପାୟ ବାହାର କରି ଧୋୟା ପଟରେ ବନ୍ଧ ବ୍ୟବସ୍ଥା କରିଛି କେନାଲ ଖୋଲାଇଛି ସାଇଫନ କରିଛି ପୁଣି ଉପରୁ ଜଳ ନିୟନ୍ତ୍ରଣ ଧାରା କରିଚି ତଥାପି ଜଳ ଭୟ ବନ୍ୟା ସମୟରୁ ଯାଇନାହିଁ।

ଜୁଆରିଆ ସମୁଦ୍ରରେ ପଡୁଥିବା ମୁହାଣ ପାଖ ନଦୀ ଗୁଡ଼ିକରେ ଜଳରେ ଜୀବିକାକାରୀ ଡଙ୍ଗାବାଲା ଜୁଆର ଓ ଭଟ୍ଟା ବେଳେ କେମିତି ତାଙ୍କର ଡଙ୍ଗାକୁ ନେଇ ଜୀବିକା କରିବେ ଚିନ୍ତାରେ ଥାନ୍ତି। ଜୁଆର ଭଟ୍ଟା ପ୍ରତ୍ୟେକ ଦିନ ୬/୬ଘଣ୍ଟା ଅନ୍ତରରେ ହୁଏ। ଏହା ତିଥି ବିଶେଷରେ ଓ ସୂର୍ଯ୍ୟ ସଂକ୍ରମଣ ସ୍ଥାନ ଦୃଷ୍ଟେ ନିରୀକ୍ଷଣ ଦ୍ୱାରା ଏକ ସ୍ଥିର ମତରେ ଧରାଯାଏ। ଯହିଁରେ ଜୁଆର ଭାରତରୁ ଜଳଜୀବମାନେ ନଦୀରେ ରକ୍ଷା ପାଆନ୍ତି। ଏପରି ବନ୍ୟା ଓ ଜୁଆର ପରି ଲୋକମ୍ପତ ମଧରେ ମଧରେ ଅନେକ ଧନ ସମ୍ପତ୍ତି ଜୀବନ ହାନିକରେ। ଲୋକ ମତରେ ଗୁଜବ ତାଣ୍ଡବ କରେ, ଧର୍ମମତରେ ଅଗ୍ନିଅସ୍ତ୍ର ପ୍ରୟୋଗ ହୋଇ ଅନେକ କ୍ଷୟକ୍ଷତି। ଗଣତନ୍ତ୍ରରେ ଭୋଟବ୍ୟାଙ୍କ ଧନ, ଟଙ୍କା ରଖିବା ବ୍ୟାଙ୍କ ଠାରୁ ଅଧିକ ମୂଲ୍ୟବାନ ହୋଇପଡ଼ିଛି। ଏଣୁ ସରକାରଙ୍କ ଦମନ ନୀତି ସବୁବେଳେ ସମସ୍ତଙ୍କ ପାଇଁ ସମାନ ତତ୍କାଳ ହୋଇ ଉଠେ। ଏ ସମୟରେ ଯେମିତିଆ ଯୁଗ ମୁହୂର୍ତ୍ତରେ ଖବର ଦାବାଗ୍ନୀ ପରି ବ୍ୟାପିଯାଇ ନିରୀହ ଅସ୍ତ୍ରହୀନଙ୍କର ସଂସାର ଉଜାଡ଼ି ଦେବା ଦେଖାଯାଉଛି। ଏ ସବୁର ସୀମା ଅଞ୍ଚଳ ହିଁ ପ୍ରଥମେ କଷ୍ଟ ପାଆନ୍ତି। ଦୁଇ ଗୋଷ୍ଠୀର ଝଗଡ଼ା ମାମଲା ଏ ମଧରେ ସୀମା ଅଞ୍ଚଳ ଲୋକେ କଷ୍ଟ ଭୋଗୁଛନ୍ତି। ଏ ସମୟରେ ସୀମା ମାଟି ଉପରେ ପାଖକୁ ପାଖ ଲାଗିବା ସ୍ଥାନ ପୁଣି ଉଚ୍ଚତର ଟାୱାର କୋଠାରେ ଏକ କୋଠାର ଉପର ତଳ ବାସ ଘର। ଏକ ସମ୍ପ୍ରଦାୟ ଏକ ଧର୍ମ, ଏକ ଭାଷା, ଏକ ସଂସ୍କୃତିର ବାସ ଗୁଡ଼ିକରେ ପ୍ରଥମେ ସନ୍ଦେହ, ଅବିଶ୍ୱାସ ପ୍ରବେଶ ପରେ ପରେ ଆଗ୍ନେୟଗିରିର ଉଦଗୀରଣ। ଏ ସମୟରେ ଚାଷ ଜମି ସଠିକ ଚାଷ ଅନେକ ଚାଷୀ କରିପାରୁନାହାଁନ୍ତି ମୂଲିଆ ଶ୍ରମ ବଳ ଅଭାବ ଅର୍ଥ ଅଭାବକୁ ମନବଳ ପୂର୍ଣ୍ଣ ଅଭାବ। ଏ ପାଇଁ ଜମି ପଡ଼ିଆ ନପକାଇ ତାକୁ ବିକ୍ରୟ ଅନେକ କରିଦେଉଛନ୍ତି । ଅନେକ ସମ୍ପତ୍ତି ଜମି ଏକଧର୍ମର ଲୋକ ଅନ୍ୟ ଧର୍ମୀୟ ଲୋକଙ୍କଠାରୁ ବହୁ ପଇସାର ମୂଲ୍ୟ ପାଇ ବିକ୍ରୟ କରୁଛନ୍ତି ଏଥିରେ ଆସୁଛି ଜମି ପାଖ ଜମିର କ୍ଷତିଧାରା, ଚାଷ ଜମିକୁ ଜଳ ଜମିକୁ କିସମ ବଦଳାଇବା କାର୍ଯ୍ୟ ସରକାରୀ ଦପ୍ତରର ଏମାନେ ଘରବାରୀ କରିଦେବାରୁ ସର୍ବତ୍ର ଚାଷ ଜମିରେ, ଫାର୍ମ ହାଉସ, ରାସ୍ତା ବା କୋଠାଘର ସମୂହ ଚାଷ ଜମିରେ ମଧରେ ମଧରେ ଗଢ଼ି ଉଠୁଛି। ଜଳ ଅମର ସ୍ଥାନକୁ ମାଟିତଳୁ ଜଳ ଉଠାଇ ହୁଏ ମାତ୍ର ପ୍ରତିଗୃହରୁ ନିଷ୍କାସିତ ଜଳ ପୁଣି କୁଆଡ଼େ ଯିବ ତାହା ପାଖ ଜମିକୁ ହିଁ ଯିବ। ଫଳରେ କାନ୍ଥ ପାଚେରୀକୁ ଲାଗିଥିବା ବାହାର ଜମିଟି ଆକ୍ରାନ୍ତ ହେବା ସ୍ୱାଭାବିକ ଏହା ସୀମା ପର ପର ଜମି ଏତେ ଆକ୍ରାନ୍ତ ହୁଏନାହିଁ। ରାସ୍ତାକଡ଼ ଓ କେନାଲ ବନ୍ଧ କଡ଼କୁ ରାସ୍ତା ଓ କେନାଲର ଭବିଷ୍ୟତ ନିର୍ମାଣ ବା ଖୋଦେଇ ପାଇଁ କିଛି ସ୍ଥାନ ରାସ୍ତା କେନାଲ ପାଖ ଜମିକୁ ସରକାରୀ ଆବାଦରେ ରଖାଯାଇଥାଏ। ଏମିତି କି ରେଳପଥ କଡ଼ରେ ଏପରି ସ୍ଥାନ ଚିହ୍ନଟ ଥାଏ। ପୁଣି ଏ ସ୍ଥାନକୁ ଲାଗି ଅନେକ ବ୍ୟକ୍ତିଙ୍କର ଚାଷ ଜମି ରହିଥାଏ। ଚାଷ ଜମି ଧାନ ଆଦି ଶସ୍ୟ ବୃକ୍ଷ ଛାୟା ଓ ଅଧିକ ଜଳରେ ଉଧେଇ ନପାରେ ହେଲେ ପଥ କେନାଲର ବନ୍ଧ କଡ଼ ଜମି ହେଉଛି ଚିରକାଳ ଏହା ବର୍ଷକୁ ବର୍ଷ ବା କିଛି ବର୍ଷ ପାଇଁ ସରକାରୀ ନିଲାମ ଡକାଯାଏ। ନିଲାମ ଧାରକ ଚାଷ ସାର୍ବଜନୀନ କଲେ ମାତ୍ର ଯଦି ଉଚ୍ଚ ଧରଣର ବୃକ୍ଷ ଯଦି ଲଗାଏ ତେବେ ପାଖ କୃଷକ କ୍ଷତି ସହିବାକୁ ବାଧ୍ୟ।

ବର୍ତ୍ତମାନ ମନ୍ଦିରର ସେବା ପାଇଁ ଦିଆଯିବା ଭୂମି ସବୁ ସେବା ଆଇନକରି ତାର ପଟ୍ଟାଦାର ଭିନ୍ନ ଜାତି ଧର୍ମୀୟ ଲୋକଙ୍କୁ ବିକ୍ରୟ କରି ଦେଉଛନ୍ତି। ଯାହା ପର୍ଯ୍ୟାପ୍ତ ଧନ ଅଛି ସେ ସରକାରୀ କାଗଜକୁ ଅପେକ୍ଷା ନକରି ବ୍ୟାଙ୍କ ଋଣ ନକରି ସ୍ଥାନରେ ମନୋଜ୍ଞ ନିର୍ମାଣ ସ୍ୱପୁଞ୍ଜିରେ କରୁଛନ୍ତି ଫଳତଃ ଏପରି ସୀମାର ଲୋକେ ମହାହଇରାଣରେ ପଡ଼ିବା ଜଣାପଡୁଛି ଏପରିକି ଦେବସ୍ଥାନର ବହୁ ହାନି ଘଟୁଛି। ବର୍ତ୍ତମାନ ଲୋକେ ଚାକିରୀ ପ୍ରିୟ। ସରକାରୀ ଧାରାରେ କର୍ମ ନିୟୋଗ ଯଥେଷ୍ଟ ନୁହେଁ। ଲୋକେ ଦୂରାନ୍ତ ରାଜ୍ୟ ଦେଶରେ ଅର୍ଥ ଅଳ୍ପ ଦିନରେ ପାଇ ସ୍ୱଗ୍ରାମରେ ପହଞ୍ଚି ଅର୍ଥଦେଇ ଅନେକ ସମ୍ପତ୍ତି କିଣିବାକୁ ପ୍ରୟାସ କରି ସଫଳ ହେଉଛନ୍ତି। ଲୋକେ ସ୍ୱପରିବାର, ସ୍ୱଜାତି, ସ୍ୱଧର୍ମର ଲୋକଙ୍କୁ ଏବେ ଜମି ବିକ୍ରୟକୁ ରାଜି ନୁହଁନ୍ତି। କାହାକୁ ଜମି ବିକ୍ରୟ ହସ୍ତାନ୍ତର ଅଶାନ୍ତି ଭବିଷ୍ୟତକୁ କରାଇବ ନାହିଁ। ଏହା ଜମି ବିକ୍ରେତା ବାୟାଙ୍କର ଓ ସରକାରୀ କାନୁନ କର୍ତ୍ତାଙ୍କର ରହିବା କଥା। କାଶ୍ମୀରରେ ଅନ୍ୟ ସ୍ଥାନର ବ୍ୟକ୍ତି ଜମି କିଣିବା ଏବେ ବି ଅସମ୍ଭବ। ସେ ରାଜ୍ୟର କାନୁନ ଅତି କଠୋର। ବର୍ତ୍ତମାନ ଏକ ଭୟଙ୍କର ବିପତ୍ତି ଏହି ଜମି କ୍ରୟ ବିକ୍ରୟ ପାଇଁ ଭବିଷ୍ୟତ ପାଇଁ ଲାଗିବାକୁ ଯାଉଛି। ଏହାର ସୁଚିନ୍ତିତ ଯୋଜନା ନକଲେ, ରକ୍ତପାତ, ଅଗ୍ନୀଦାହ, ଗୁଳିଗୋଳା ଚାଲିବ, ମାରପିଟ ବଢ଼ି ବଢ଼ି ଚାଲିବ।


♥ 'ବରେଣ୍ୟ ବାଣୀ' ପିସି
ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩






### ସେ କି ସେବକ !


ଧ୍ରୁବ ଚରଣ ଘିବେଲା


ଚଳନ୍ତି ଦେବତା ଆମ ପିତା ମାତା
ତାଙ୍କୁ ସେବିଲେ ସଦଗତି
ତାଙ୍କୁ ମାନିଘେନି ଚଳିଲେ ନିଇତି
ନଥାଏ କେବେ ଦୁର୍ଗତି ।

ତାଙ୍କୁ ନ ମାନିକି ନ ଶୁଣି ନ ଦେଖି
ଦେଖାରଖା ଯେ କରେନି
କେଉଁ ପୁତ୍ରେ ଗଣା ହୋଇବ ସେ ପୁତ୍ର
କେମିତି ପାରେନି ଜାଣି ।

ପିତାମାତା ସେବା ଭଗବତ ସେବା
କୋଟି ପୁଣ୍ୟ ଫଳ ପାଇ
ତାଙ୍କ ଅବହେଳା ନୁହଁଇ ଉଚିତ
କର୍ମଫଳ ଭୁଞ୍ଜି ଥାଇ ।

ଯେମିତିକା କର୍ମ ସେମିତିକା ଫଳ
ଥୁଆ ହୋଇଥାଏ ଭାଗ୍ୟେ
କେ ଟାଳିପାରିବ ବିଧିର ବିଧାନ
କେ ଥାକିବ ଭାଗ୍ୟ ଆଗେ !

ପିତାମାତା ସହ ପିଲାକବିଲାଙ୍କୁ
ଘୋର ଅବହେଳା କରି
ଯଦି କିଏ କହେ ଆନ ହିତେ ଥାଏ
ଥାଏ ସତେ କି ତା' ଶିରୀ ?

କି ମୂଲ୍ୟ ସେବାର ଆନକୁ ଦେବାର
ଆତ୍ମ ପ୍ରଚାର କେବଳ
ଘରେ ନିତି ଗୋଳ ବାହାରକୁ ଭଲ
ସେ ସେବାର କେଉଁ ମୂଲ୍ୟ ?

ସତ ସେବକ ସେ ଆନକୁ ଯେ
ଦେଖେ
ପିତାମାତା ସେବା କରି
ନିଃସ୍ୱାର୍ଥ ସେବାରେ ସମର୍ପିତ ପ୍ରାଣ
ପ୍ରଚାର ଧାରା ନ ଧରି ।

ସେବା କରି କେବା କହିବୁଲେ ଯଦି
ତାହା କି ସେବାରେ ଗଣା
ଦେଲି କହିବାରେ ଆତ୍ମପ୍ରଚାରରେ
ସେବା ସେଠି ବାଟବଣା ।


♥ ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ:୯୪୩୭୪୭୮୪୬୬


### ଅବ୍ୟକ୍ତ ଭାବନା


ଅଞ୍ଜୁ ବାରିକ




ଏହି ବିସ୍ତୃତ ଧରଣୀରେ ମୁଁ ଏକାକି ବସି,
ଜୀବନ ନବରେ ଆନନ୍ଦେ ଯାଉଥିଲି ଭାସି,
ହୃଦୟ ତଟିନୀରେ ଥିଲା ଶାନ୍ତ ପ୍ରବାହ,
ନଥିଲା ଜୀବନେ କୋଣସି ଚିନ୍ତାର ବିଷୟ,

ଆକସ୍ମିକେ ପଡିଲା ନଦୀରେ ପ୍ରବଳ ଜୁଆର ,
ଯେବେ ଆଗମନ କଲ , ଜୀବନେ ମୋହର,
ପୁଲକିତ ହେଲା ଶରିର ପ୍ରତ୍ୟେକ ଶିରା,
ସ୍ୱର୍ଗ ପରି ଲଗିଲା ଏହି ସମଗ୍ର ଧରା,

କେଉଁ ସ୍ଥାନେ ଥିଲ ତୁମେ ଲୁଚିକି ବସି,
ଆକସ୍ମିକେ ଦିନେ ତୁମେ ଜୀବନେ ଆସି,
ନିଶାମୟ ଜୀବନେ ମୋ ସାଜିଲ ପ୍ରଦୀପ,
ରଙ୍ଗ ହୀନ ଆକାଶେ ଦେଲ ପ୍ରେମର ଛାପ,

ବନ୍ଧୁର ମନରେ ଫୁଟିଲା ସୁଗନ୍ଧିତ ଫୁଲ,
ଯେବେ ପଡିଲା ହୃଦୟେ ତୁମ ପ୍ରେମ ଜଳ,
ଶତତ ପ୍ରଫୁଲ୍ଲିତ ହେଲା ସାରା ଜୀବନ,
ଏକାନ୍ତେ ଦେଖେ କେବଳ ତୁମରି ସପନ,

ରିକ୍ତହସ୍ତ ମୋର ଅପେକ୍ଷାରେ ତୁମ ପାଇଁ,
ଆଗମନ ପଥକୁ ସଦା ବସିଛି ଚାହିଁ,
କୁସୁମିତ କରେ ଆଗମନ ପଥକୁ ତୁମର,
ଏ ମୋର ଛୋଟ କଳ୍ପନା ଅନ୍ତର ମନର,

ଆସି ଏହିକ୍ଷଣି ଯାଅ ତୁମେ ମୋ ହୃଦୟେ ରହି,
ଦୂରେ ଅଛ ବୋଲି ଏ ବ୍ୟଥା ସହ୍ୟ ହେଉ ନାହିଁ,
କି ଲାଭ ତୁମେ ମୋ ଠାରୁ ଦୂରରେ ଥାଇ,
ଏ ଜୀବନ ସମର୍ପିତ କେବଳ ତୁମରି ପାଇଁ,

ସତ ସତ ଖୁସି ଥାଅ ତୁମେ ଦୂରରେ ଥାଇ,
ମାତ୍ର ଅପେକ୍ଷାରେ ରହିବି , କେବଳ ତୁମରି ପାଇଁ ,
କେବଳ ତୁମରି ପାଇଁ ।।


♥ ସ୍ନାତକ କଳା ଛାତ୍ର
ସାନ -ଅମ୍ଳୀପାଲି, ବରଗଡ


### ଅଭୁଲା ସେ ଅନୁଭୂତି....


ରାମଚନ୍ଦ୍ର ବେହେରା


ଗାଆଁ ଚାହାଳୀର ପଣିକିଆ ଡାକ
କାନଧରି ବସାଉଠା
ମିଶାଣ ଫେଡାଣ ହରଣ ଗୁଣନ
ବର୍ଣ୍ଣବୋଧ ଗୀତ ମିଠା
ମନେ ପଡେ ସେଇ ସ୍ମୃତି
ମଇଳା ବସ୍ତାନି ସିଲଟ ଓ ଖଡ଼ି
ରହିଛି ମନେ ସାଇତି ।

ନୂଆ ପିଲା ଯେବେ ଚାହାଳୀ ଆସନ୍ତି
ଝରୁଥାଏ ଲୁହଧାର
ଚାହାଳୀ ମାଷ୍ଟ୍ରେଙ୍କ ବେତ ପାହାରକୁ
ସଭିଙ୍କୁ ଲାଗଇ ଡର
ଆସିଗଲେ ଛୁଟିବେଳ
ପିଲାଙ୍କ ମୁହଁରେ ହସର ଝଲକ
ଦେଖାଦିଏ ଜଳଜଳ ।

ଚାହାଳୀର ସେଇ ପଣିକିଆ ଡାକ
କେବେ ଭୁଲିହୁଏ ନାହିଁ
ଯୁକ୍ତାକ୍ଷର ପାଇଁ ବର୍ଣ୍ଣବୋଧ ବହି
ଭୁଲି ନପାରନ୍ତି କେହି
ପାଠ ହୋଇଲେ କଣ୍ଠସ୍ଥ
ମାଷ୍ଟ୍ରେଙ୍କ ସନ୍ଦେଶ ଘରକୁ ଆସଇ
ବିଦ୍ୟାଳୟ ଯାଏ ଛାତ୍ର ।

ସେକାଳ ଚାହାଳୀ ଆଜିର ନର୍ସରୀ
ବଦଳି ଯାଇଛି ରୂପ
ସହଜ ସରଳ ହୋଇଅଛି ପାଠ
ଚାହାଳୀ ପ୍ରାୟ ବିଲୁପ୍ତ
ମନେ ପଡେ ସେଇ ସ୍ମୃତି
ଦୁଇଓଳି ସେଇ ଚାହାଳୀର ଶିକ୍ଷା
ଅଭୁଲା ସେ ଅନୁଭୂତି ।


♥ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬





# ମିନା ଅପାଙ୍କ ରାମାୟଣ ଟୁର୍ଙ୍ଗି (୮୩)

## ହନୁମାନଙ୍କ ଗନ୍ଧମାର୍ଦ୍ଦନ ପର୍ବତ ଆଣିବା



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯଜ୍ଞରେ ବିଘ୍ନ ସୃଷ୍ଟି ହେଲା ଓ ରାବଣ ଲକ୍ଷେ ଆହୂତି ଦେଇପାରିଲା ନାହିଁ। ମନ୍ଦୋଦରୀଙ୍କୁ ଅପମାନ ତାର ଅସହ୍ୟ ଥିଲା। ତା' କ୍ରୋଧ ଚରମ ସୀମାରେ ପହଂଚିଲା ଓ ସେ ଶେଷକୁ ଯୁଦ୍ଧ ଲାଗି ପ୍ରସ୍ତୁତ କଲା। ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ବିଭିନ୍ନ ସମୟରେ ରାବଣଙ୍କୁ ଭଲ ପାଉଥିବା ଓ ସମ୍ମାନ ଦେଉଥିବା ତାର ପ୍ରିୟଜନମାନେ ତାକୁ ଯୁଦ୍ଧରୁ କ୍ଷାନ୍ତ ରହିବାକୁ ପ୍ରାର୍ଥନା କରୁଥିଲେ। ତାର ଯୁଦ୍ଧ ପ୍ରସ୍ତୁତି ଦେଖି । ତାର ଅନେକ ରାଣୀ ରାବଣଙ୍କୁ ଯୁଦ୍ଧରୁ ଦୂରେଇ ରହିବାକୁ ପ୍ରାର୍ଥନା କଲେ। ମାତ୍ର ଅହଂକାରୀ ରାବଣ କେବଳ ନିଜ ମାନ ସମ୍ମାନ କଥା ଭାବୁଥିଲା। ସେ ଆଉ କାହାର କଥା ଶୁଣିବାକୁ ପ୍ରସ୍ତୁତ ନଥିଲା।

ରାବଣ ତାର ମୃତ୍ୟୁର ସୂଚନା ସ୍ୱପ୍ନ ମାଧ୍ୟମରେ ପାଇ ସାରିଥିଲା। ସେ ଅନେକ ଖରାପ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲା। ମନ୍ଦୋଦରୀ ମଧ୍ୟ ଅନେକ ଖରାପ ସ୍ୱପ୍ନ ଦେଖିଥିଲେ ଓ ରାବଣଙ୍କୁ କହିଥିଲେ। ରାବଣ ଜାଣିଥିଲା, ଏବେ ଯୁଦ୍ଧରୁ ଓହରି ଯିବା ସମ୍ଭବ ହେବନି। ତା ଲାଗି ତାର ଭାଇ କୁମ୍ଭକର୍ଣ୍ଣ, ପୁତ୍ର ଇନ୍ଦ୍ରଜିତ ଓ ଅନେକ ବୀର ମୃତ୍ୟୁବରଣ କରିଛନ୍ତି। ସେ ରାମଙ୍କୁ ମାରି ସେମାନଙ୍କ ମୃତ୍ୟୁର ପ୍ରତିଶୋଧନ ନେବ କିମ୍ବା ମୃତ୍ୟୁବରଣ କରିବ।

ରାମଙ୍କ ସହିତ ଶେଷ ଯୁଦ୍ଧ ଲାଗି ରାବଣ ପ୍ରସ୍ତୁତି ଆରମ୍ଭ କରିଦେଲା। ହଜାର ହଜାର ସୈନ୍ୟ ମଲାପରେ ବି ତା ପାଖରେ ଯଥେଷ୍ଟ ସୈନ୍ୟ ଥିଲେ। ସେମାନଙ୍କୁ ରାବଣ ଉଦ୍‌ବୋଧନ ଦେଲା ଓ ଉତ୍ସାହିତ କଲା।

ରାବଣ ନିଜର ନୈନ୍ୟବଳକୁ ଚାରି ଭାଗରେ ବିଭକ୍ତ କରି ସେମାନଙ୍କୁ ବିଭିନ୍ନ ଦୂରରେ ରଖାଇଦେଲା। ନିଜ ପାଖରେ କିଛି ସୈନ୍ୟଙ୍କୁ ନେଇ ସେ ଯୁଦ୍ଧ ଲାଗି ପ୍ରସ୍ତୁତ ହେଲା।

ଶ୍ରୀରାମ ମଧ୍ୟ ନିଜ ବାନର ସେନାକୁ ତଦନୁରୂପେ ପ୍ରସ୍ତୁତ କରିନେଲେ। ବୀର ହନୁମାନ, ଅଙ୍ଗଦ, ସୁଗ୍ରୀମ ଆଦି ମହାଯୋଦ୍ଧାଙ୍କୁ ଯୁଦ୍ଧ ଲାଗି ବିଭିନ୍ନ ଦ୍ୱାରକୁ ପଠାଇଲେ।

ଶ୍ରୀରାମ ଜାଣିଥିଲେ ରାବଣର ଦମ୍ଭ ଭାଙ୍ଗି ଗଲାଣି। ସେ ଏଥର ଶେଷଥର ପାଇଁ ଯୁଦ୍ଧ କରିବ ଓ ଭୟଙ୍କର ଯୁଦ୍ଧ କରିବ। ତେଣୁ ସମସ୍ତଙ୍କୁ ଏ ସମ୍ପର୍କରେ ସଚେତନ କରାଇ ଦେଲେ।

ରାବଣ ଯୁଦ୍ଧ ଭୂମିରେ ପ୍ରବେଶ କଲା। ତା ସାମ୍ନାକୁ ଯେ କେହି ବି ଆସିଲେ, ସେ ତାଙ୍କୁ ଧରାଶାୟୀ କଲା। ରାବଣ ସାମ୍ନାରେ ଅଂଗଦ, ସୁଗ୍ରୀବ ଓ ହନୁମାନ ରହିପାରିଲେ ନାହିଁ। ଲଙ୍କାପତି ଶହ ଶହ ଶର ପଠାଇ ସେମାନଙ୍କୁ କ୍ଷତାକ୍ତ କଲା।

ଏ ସବୁ ଦେଖୁଥିଲେ ବୀର ଲକ୍ଷ୍ମଣ। ସେ ସଂଗେ ସଂଗେ ରାବଣର ସାମ୍ନା କଲେ ଓ ଶର ପଠାଇ ରାବଣର ରଥକୁ ନଷ୍ଟ କଲେ। ଲକ୍ଷ୍ମଣ ମଧ୍ୟ ଧୀରେ ଧୀରେ ନିସ୍ତେଜ ହୋଇ ପଡ଼ିଲେ। ରାବଣ ମାୟା ଯୁଦ୍ଧ ଆରମ୍ଭ କରି ଦେଇଥିଲା। ସେ ଆକାଶରେ ଅଦୃଶ୍ୟ ହୋଇ ଯାଉଥିଲା ଓ ଶହ ଶହ ଶର ନିକ୍ଷେପ କରି ବାନର ସେନାଙ୍କୁ କଲବଲ କରୁଥିଲା।

ଲକ୍ଷ୍ମଣ ରାବଣ ସହିତ ଯୁଦ୍ଧ କରିବାର ଖବର ରାମଙ୍କ ପାଖରେ ପହଂଚିଗଲା। ସେ ସଂଗେ ସଂଗେ ସେ ସ୍ଥାନରେ ପହଂଚିଗଲେ। ଲକ୍ଷ୍ମଣଙ୍କୁ ପଛରେ ରଖି ସେ ରାବଣ ସହିତ ଯୁଦ୍ଧ ଆରମ୍ଭ କଲେ।



ରାମ ଓ ରାବଣଙ୍କ ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହୋଇଗଲା। ରାବଣର ପ୍ରତି ଶର ଲାଗି ରାମଙ୍କର ଜବାବ ଥିଲା ଓ ସେ ରାବଣର ସବୁ ଶରକୁ ଅକାମୀ କରି ଦେଉଥିଲେ। ଏ ପର୍ଯ୍ୟନ୍ତ ରାମ ରାବଣ ପ୍ରତି ପ୍ରତିଆକ୍ରମଣ କରି ନଥିଲେ। ସେ କେବଳ ରାବଣର ଶରକୁ ପ୍ରତିହିତ କରୁଥିଲେ।

ଅନ୍ୟପଟେ ବାନର ସେନା ଓ ରାକ୍ଷସ ସେନା ମଧ୍ୟରେ ଘୋର ଯୁଦ୍ଧ ଲାଗି ଯାଇଥିଲା। ସମସ୍ତେ ଜାଣିଥିଲେ- ଏଥରର ଯୁଦ୍ଧ ଶେଷ ଯୁଦ୍ଧ। ତେଣୁ ସମସ୍ତେ ପ୍ରାଣମୂର୍ଚ୍ଛା ଲଢୁଥିଲେ। କେବେ ବାନରସେନା ଜୟ ଲାଭ କରୁଥିଲେ ତ କେବେ ଅସୁର ସେନା। କ୍ଷତି କିନ୍ତୁ ଦୁଇ ପକ୍ଷର ହେଉଥିଲା। ସବୁ ଯୁଦ୍ଧରେ ଦୁଇ ପକ୍ଷର କ୍ଷତି ହୁଏ।

ରାବଣର ଯୁଦ୍ଧ କୌଶଳ ଦେଖି ଶ୍ରୀରାମ ଆଶ୍ଚର୍ଯ୍ୟଚକିତ ହୋଇଥିଲେ ଓ ତାର ପ୍ରଶଂସା କରିବା ଆରମ୍ଭ କରିଥିଲେ। ରାବଣ ଜଣେ ବଡ଼ ଯୋଦ୍ଧା ଥିଲା। ସେ ମଧ୍ୟ ରାମଙ୍କ ବାଣର ଟାଣ ଦେଖି ପାରିଥିଲେ।

ରାମାୟଣ କଥା ମିନା ଅପା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

# ୟୁନିଫର୍ମ



ନଗେନ୍ଦ୍ର ନାଥ ପଟ୍ଟନାୟକ



ପିଲାମାନେ ପ୍ରତିଦିନ ମା'ଙ୍କଠୁ ଗାଳିମାଡ ଖାଉଥିବା ଦେଖିଲେ ସ୍କୁଲ ୟୁନିଫର୍ମ ଦୁଃଖରେ ଭାଙ୍ଗିପଡେ । କାରଣ ସ୍କୁଲ ୟୁନିଫର୍ମ ଭାବେ ସେମାନେ ତୁଚ୍ଛାକୁ ମୋପାଇଁ ଶୋଧା ଖାଉଛନ୍ତି । ପିଲାଏ କେବେକେବେ ୟୁନିଫର୍ମରେ ମାଟିକାଦୁଅ ଲଗେଇଦିଅନ୍ତି ତ ବେଳେବେଳେ ତରକାରି ଆଚାର ଖାଇଥିବା ଅଇଁଠା ହାତଟିକୁ ପୋଛିଦିଅନ୍ତି ପିନ୍ଧା ୟୁନିଫର୍ମରେ। ପୁଣି କେବେ କେମିତି ସ୍କୁଲର ବେଂଚରେ ଫୁଟି ବାହାରିଥିବା ମୁନିଆ କଂଟାରେ ଚିରିଫାଡି ଦିଅନ୍ତି।

ଏମିତି ଦିନେ ୟୁନିଫର୍ମ ଭାବିଲା- ଏଇ ଦିନ କେଇଟା ଭିତରେ ସ୍କୁଲ ଖୋଲିବ, ପାଠପଢା ଆରମ୍ଭ ହେବ । ଆଜିଠୁ ମତେ ପିଲାଙ୍କ ସହିତ କଥାବାର୍ତା କରିବାକୁ ପଡିବ। ସେମାନେ ବୋଧେ ଜାଣନ୍ତିନି ତାଙ୍କ ଜୀବନରେ ବି ମୋର ଅସ୍ତିତ୍ୱ ଅଛି ବୋଲି । ଏବେ ଯାଏଁ, ମୋ ବାବଦରେ ପିଲାମାନଙ୍କୁ ଜଣେଇଦିଏ । ଯାହାଫଳରେ ସେମାନେ ମୋ ମୂଲ୍ୟ ଜାଣି ବୁଝିପାରିବେ । କ'ଣ ପିଲାଏ ମତେ ଚିହ୍ନିଥିବ? ମୁଁ ହେଉଚି ତୁମ ପିନ୍ଧିଥିବା ସେଇ ୟୁନିଫର୍ମ। ସ୍କୁଲଛୁଟି ସବୁ ଛାଡିଦେଲେ ବାକି ପ୍ରତିଦିନ ପାଖାପାଖି ଆଠଘଂଟା ତୁମ ସାଥିରେ ହିଁ ରହିଥାଏ । ହେଲେ ତମେମାନେ ମୋ ବାବଦରେ କିଛି ବି ଜାଣନାଇଁ । ଆଜି ମୁଁ ମୋ ଆତ୍ମକଥା ତୁମମାନଙ୍କ ଆଗରେ ବଖାଣୁଚି । ସବାଆଗ ମତେ ସେନାର ଯବାନମାନେ ବନେଇଥିଲେ । ଆଜି ବି ଯେତେବେଳେ ସେମାନେ ମତେ ପିନ୍ଧନ୍ତି ମୋ ଛାତି କୁଣ୍ଢେମୋଟ ହୋଇଯାଏ। ଗର୍ବରେ ଛାତି ଫୁଲିଉଠେ । ମୋ ଛାତିରେ ମେଡାଲ ଲାଗିଗଲେ ମୋ ଗର୍ବ ଗୌରବ ଓ ଖାତିର ଆଉରି ବଢିଯାଏ। ତମମାନଙ୍କ ପାଖରେ ମୁଁ କେମିତି ପହଂଚିଲି ଏବେ ତାହା ଶୁଣ।

ଆଗରୁ ଆମ ଦେଶ ଭାରତବର୍ଷରେ ଗୁରୁକୁଳ ପ୍ରଥା ପ୍ରଚଳିତ ଥିଲା । ଗୁରୁକୁଳ ଆଶ୍ରମରେ ପିଲାଏ ପାଠ ପଢୁଥିଲେ। ଦେଶ ସ୍ୱାଧୀନ ହେଲାପରେ ସ୍କୁଲ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ହେଲା। ତୁମ ସମସ୍ତଙ୍କୁ ଶିକ୍ଷାର ଅଧିକାର ମିଳିଲା । ଗରିବ ହେଉ କି ଧନୀ ସମସ୍ତେ ସମାନ ଭାବରେ ଶିକ୍ଷା ଲାଭ କରିପାରୁଥିଲେ । ପିଲାଏ ସ୍କୁଲ ଯିବା ଆରମ୍ଭ କଲାବେଳେ ସମସ୍ତେ ନିଜ ଆଖି ରୁଚିଲା ଭଳି ପୋଷାକପତ୍ର ପିନ୍ଧି ଆସୁଥିଲେ। ତେବେ ଯୋଉ ପିଲାମାନେ ଗୋଟିଏ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବାକୁ ଆସନ୍ତି ସେମାନଙ୍କ ଭିତରେ ଯେ ଅସମ ଭାବନା ସଂଚାର ନ ହେବ ସେଥିପାଇଁ ୟୁନିଫର୍ମର ବ୍ୟବସ୍ଥା କରାଯାଉ ବୋଲି ଆମ ଦେଶର ବୁଦ୍ଧିଜୀବୀମାନେ ବିଚାରିଲେ। ଉଦ୍ଦେଶ୍ୟ- ସେମାନଙ୍କ ଭିତରେ ସମତା ଭାବନା ଜାଗ୍ରତ କରିବା । ଏଥିପ୍ରତି ନିଘାରଖି ମତେ ପିନ୍ଧିବା ପ୍ରତ୍ୟେକ ସ୍କୁଲରେ ବାଧ୍ୟତାମୂଳକ କରାଗଲା ।

ସବୁପିଲା ମତେ ଭାରି ଭଲପାଆନ୍ତି । ସବୁବେଳେ ସଫାସୁତରା ୟୁନିଫର୍ମ ପିନ୍ଧିବାକୁ ପସନ୍ଦ କରନ୍ତି । ହେଲେ କିଛିପିଲା ବେପରୁଆ ଭାବେ ମତେ ପିନ୍ଧିପକାନ୍ତି । ନିଇତି ଅସନା ମଇଳା କରି ବୋଉଙ୍କୁ ହଇରାଣରେ ପକାନ୍ତି । ବୋଉଠୁ ଗାଳି ବି ଖାଆନ୍ତି । ଯୋଉ ଭଲପିଲା ଅଛନ୍ତି ସେମାନଙ୍କୁ ମୁଁ ଭାରି ସ୍ନେହକରେ । ଏଇ ଯେମିତି ମେଧାବୀ ଛାତ୍ରୀ ରୁଚିର କଥା । ରୁଚି ପଢୁଥାଏ ସପ୍ତମ ଶ୍ରେଣୀରେ । ମୁଁ ଜାଣେ ସେ ନିଜେ ହିଁ ମୋ ୟୁନିଫର୍ମ ସ୍କଟକୁ ଇସ୍ତ୍ରୀ କରୁଥାଏ । ମତେ ପିନ୍ଧିକି ସେ ଯେବେ ସ୍କୁଲ ଯାଏ କାହାକୁ ମତେ ଛୁଇଁବାକୁ ଦେଉନଥାଏ । ମତେ ରୁଚି ଭାରି ଭଲଲାଗେ । ରୁଚିର ସାନଭାଇ ବିରୁଦ୍ଧରେ ମୋର ସଦାବେଳେ ଅଭିଯୋଗ। କାରଣ ସେ ସର୍ବଦା ଅସନା ମଇଳା ହାତକୁ ନେଇ ମୋ ପ୍ୟାଂଟରେ ପୋଛିଦିଅ । ଏଁ ! କି ଗନ୍ଧିଆ ପିଲାଟାମ...

ମୁଁ ସେଇ ମାଆମାନଙ୍କୁ ଖୁବ୍ ସମ୍ମାନ ଆଦର କରେ ଯିଏକି ମତେ ସଫାସୁତର ରଖିଥାନ୍ତି । ଏବେ ଶେଷରେ ମୁଁ ସେମାନଙ୍କୁ ବିନୀତ ଅନୁରୋଧ କରୁଛି ଯେ ୟୁନିଫର୍ମ ପିନ୍ଧିବ ସେ ମତେ ଯଥେଷ୍ଟ ମହତ୍ୱ ଦେବ । ମୋତେ ସଠିକ ଭାବରେ ମୂଲ୍ୟାୟନ କରିବ । ନମସ୍କାର ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯, ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ଅନୁସରି କାମ କରିବି

## କୀର୍ତ୍ତନ ସାହୁ

କଢି ଟିଏ ବଢି ବଢ଼ିକି
ଦିନେ ଫୁଲ ଫୁଟଇ
ମହକ ତା ଚାରି ଆଡ଼କୁ
କେଡ଼େ ବେଗେ ଛୁଟଇ।

ମହୁ ମାଛି ଉଡ଼ି ଉଡ଼ିକି
ଫୁଲ ମଧୁ ଶୋଷଇ
ମହୁ ଫେଣା ଗଢି ଗଢ଼ିକି
ଆମ ମନ ରସଇ।

ସୂରୁଜ ଆକାଶେ ଉଇଁକି
ଅମା ଦିଏ ହଟେଇ
ନିଜ ନିଜ କାମେ ଲାଗରେ
କହି ଦିଏ ଉଠେଇ ।

କୃଷକ ଭାଇଟି ଉଠିକି
ଚାଷ କାମେ ଲାଗଇ
ନାନା ଜାତି ଶସ୍ୟ କରିକି
ଦେଇଥାଏ ଯୋଗାଇ ।

ଚାରା ଟିଏ ପାଣି ପବନ
ପାଇ ବୃକ୍ଷ ହୁଅଇ
ପତ୍ର ଫୁଲ ଫଳ ତା ଡାଳ
ଆମ ପାଇଁ ଦିଅଇ।

ଏମାନଙ୍କୁ ଅନୁସରି ମୁଁ
ଦିନେ ବଡ ହୋଇବି
ଭଲ ଭଲ କାମ କରିକି
ଦେଶ ହିତେ ଲାଗିବି ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

କବିତା
ତୁମ ପାଇଁ

# ଛେନାପୋଡର ମଜା

## ଶରତ କୁମାର ଦାସ

ଆସ କୁନା ମୁନା ଝୁନା ରୁନା ଟୁନା
ଖାଇବରେ ଆସ ଖାଇବ,
ଥରୁଟିଏ ଖାଲି ବାଜିଲେ ପାଟିରେ
ମଜାଟି ତାହାର ପାଇବ ।

ମିଠାଙ୍କ ଭିଡରେ ମିଠାଟିଏ ପରା
ସୁଆଦରେ ଭରା ଜାଣିବ,
ଦୋକାନ-ବଜାରେ ଦେଖିଦେଲେ ଥରେ
ସବୁବେଳେ ମନ ଟାଣିବ ।

ଉପରଟି ତା'ର ପୋଡାପୋଡା ଦିଶେ
ଭିତରରେ ଥାଏ ଗୁଣଟି,
ଡଉଲଡାଉଲ ଚେହେରାଟି ତା'ର
ନାହିଁ ଆନ କିଛି ଖୁଣଟି ।

ଦେଶ-ବିଦେଶରେ ଭାରି ତା' ଆଦର
ସହର ହେଉ ବା ଗାଆଁଟି,
ସଭିଙ୍କ ଶରଧା ତା ଉପରେ ଥାଏ
ଛେନାପୋଡ ତା'ର ନାଆଁଟି ।

ଛେନା ସାଥେ ଚିନି,କାଜୁ,ଗୁଜୁରାତି
ସୁଜି ଆଦି ମିଶାଯାଏଟି,
ଏକ ରସ ପାତ୍ରେ ରଡ ନିଆଁ ପରେ
ଯତନରେ ପୋଡ ପାଏଟି ।

ପୋଡିଗଲା ପରେ ହୁଏ ଛେନାପୋଡ
ଆମ ରାଇଜର ଗରବ,
ବିଶ୍ୱ ଦରବାରେ ନାଆଁ ତା ନିଆରା
ଏମିତିକା ସିଏ ଦରବ ।

ଯେତେ ମିଠା ଅଛି ତା ଭଳିଆ ମିଠା
ଖୋଜିଲେ ମିଳିବ ନାହିଁଟି ,
ଛୁଆଠାରୁ ବଡ ସଭିଙ୍କ ନଜର
ତା' ସ୍ନେହ ପରଶ ପାଇଁଟି ।

ନୟାଗଡ ଜିଲ୍ଲା ଦଶପଲା ଗାଆଁ
ଜନମ ଭୂଇଁଟି ତାହାର,
ସୁଦର୍ଶନ ସାହୁ କରିଲେ ତିଆରି
ତୁଳନା ନାହିଁଟି ଯାହାର ।

ଏପ୍ରିଲ ଏଗାର ଆସିଲେ ସରବେ
ଖୁସିରେ ହୁଅନ୍ତି ମଗନ,
ବିଶ୍ୱ ଛେନାପୋଡ ଦିବସ ପାଳନ୍ତି
ମନେ ଭାବି ଶୁଭ ଲଗନ ।

ଆମ ଛେନାପୋଡ ଦିଏ ପରିଚୟ
ଆମେ ପରା ଖାଣ୍ଟି ଓଡିଆ,
ଆମ ମାଟି ପାଣି ଆମ ପିଠା ମିଠା
ଆମ ଜଗନ୍ନାଥ ବଢିଆ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଖରା ଛୁଟି

## ସୁନୀଲ କୁମାର ପ୍ରଧାନ

ରାଇଜରେ ଖରା ହେବାରୁ ଅଧିକ
ସର୍କାର କଲେ ଘୋଷଣା
ଛୁଟି ଯେ ମଞ୍ଜୁର କରି ଦେଲେ ସେହୁ
ବିଦ୍ୟାଳୟ ଯିବା ମନା ।

ଏ ସବୁ ଖବର ପାଇ ଛାତ୍ର ଛାତ୍ରୀ
ଖୁସି ହୋଇଗଲା ମନ
ଦୁଇ ମାସ ଧରି ଘରରେ ରହିବେ
ପାଠରେ ଦେବାରେ ଧ୍ୟାନ ।

ଶ୍ରେଣୀ ପାଠ୍ୟକ୍ରମ ନିତି ପଢୁଥିବା
ଅଛି ଜେତକ ବିଷୟ
ଘରରୁ ପଦାକୁ କେବେ ଯିବା ନାହିଁ
ଦେଖିଲେ ଲାଗୁଛି ଭୟ ।

ବହୁତ ଉତ୍ତାପ ବଢୁ ଅଛି ଜାଣ
ଦେହ ହାତ ଯାଏ ପୋଡ଼ି
ସୁନ୍ଦର ଚମଡା କଳା କରିଦେବ
ଖରା ଗଲେ ଦେହେ ପଡ଼ି ।

କୁନା କୁନି ଦୁହେଁ କରିଲେ ଭାବନା
ନ ଯିବା ପଦାକୁ କେହି
ଅଂଶୁଘାତ ପରା ଦେଖା ଦେଇଥାଏ
ସଚେତନ ହେବା ଭାଇ ।

+ଝାଟିପଦର, ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

# ଆସିଲା ଖରା ତାତିଲା ଧରା

## ଦିଲିପ୍ କୁମାର ତ୍ରିପାଠୀ

ଆସିଲା ଖରା ତାତିଲା ଧରା ଶୁଖିଲା ନଦୀ ଜଳ
ସୁରୁଜ ଉଇଁ ମୁରୁକି ହସେ ଦେଖାଇ ତାର ବଳ
ମିଳୁନି ଛାଇ ଟିକିଏ କାହିଁ ସୁଖୁନି ଦେହ ଝାଳ
ଯୁଆଡ଼େ ଦେଖ ସେଆଡେ ଖାଲି ଅଟ୍ଟାଳି ମାଳ ମାଳ
ଗଛକୁ କାଟି ମଣିଷ ଆଜି ହେଉଛି ହନ୍ତ ସନ୍ତ
ତଥାପି ହେଲେ ମାନୁନି ଜମା ଗଛହିଁ ଆମ ମିତ
ଖରାର ତେଜ ଏତେଜେ ଦେଖ କରିଛି ମାଟି ଆଁ
ନିଦାଘ କରେ ରାଜୁତି ଏଠି ସହର ଅବା ଗାଁ
ଅମୃତ ଲାଗେ ମୁନ୍ଦାଏ ପାଣି ପାଇଲେ ଆତ୍ମା ଶାନ୍ତି
ସେଲାଗି ଜଳ କରିବା ଦାନ ଯାହାର ଯେତେ ଶକ୍ତି
କୁହନ୍ତି ହସି ସୁରୁଜ ଦାଦା ପିଅରେ ପାଣି ବେଶୀ
ଗ୍ରୀଷମ ଋତୁ ବେଶୀ ମୋ ତେଜ ନିଏ ମୁଁ ଜଳ ଶୋଷି
ବୈଶାଖ ଜ୍ୟେଷ୍ଠ ଦୁଇଟି ମାସ ପ୍ରଖର ମୋର ରଶ୍ମି
ପ୍ରତ୍ୟୁଷେ ଉଠି ସାରିବ କାମ ଯିବନି ଜମା ବସି
ଖରାର ତେଜ ବାଧିବ ନାହିଁ ଖାଅ ପଖାଳ ଭାତ
ଜଳୀୟ ଅଂଶ କମିଲେ ଏକା ହେବଟି ଅଂଶୁଘାତ
ଖରାରେ ମଥା ବୁଲେଇ ଦିଏ ହୁଏଟି ବୁଦ୍ଧି ବଣା
ମୁଣ୍ଡବି ଥଣ୍ଡା ପେଟବି ଥଣ୍ଡା ପିଇଲେ ବେଲ ପଣା
ଖରା ଦିନକୁ କରନି ଘୃଣା ଟିକିଏ ଯାଅ ସହି
ବରଷା ଆଣି ବିଦାୟ ନିଏ ପ୍ରାଣୀଙ୍କ ହିତ ପାଇଁ

+ଢେଙ୍କାନାଳ, ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ମୋ:୯୭୭୮୧୦୬୧୦୫

# ଝୁମୁରୁ ଝାଇଁ

## ଦିଲିପ୍ କୁମାର ତ୍ରିପାଠୀ



ବିନୟ କୁମାର ସାମଲ

ଝୁମୁରୁ ଝାଇଁ
ବୈଶାଖର ଖରା ତାତିଲାଣି ଧରା
ସୁଖିଲାଣି ସବୁ ପୋଖରୀ ନଈ।
ଝୁମୁରୁ ଝାଇଁ
ତାତି ଡହ ଡହ ଜଳିଯାଏ ଦେହ
ଖରା ମାରୁଅଛି ଚାଇଁ ଚାଇଁ।

ଝୁମୁରୁ ଝାଇଁ
ତତଲା ବାଲି ନପାରି ଚାଲି ,
ସଭିଏଁ ଖୋ ଖୋଜନ୍ତି ଗଛର ଛାଇ।
ଝୁମୁରୁ ଝାଇଁ
ବାଟୋଇ ଭାଇ ଥକିପଡ଼ଇ
ଶୋଷରେ ହୁଏ ହାଇଁ ହାଇଁ।

ଝୁମୁରୁ ଝାଇଁ
ବଣରେ ନିଆଁ ପୋଡ଼ି ଜଳାଏ
ଗଛ ବୁରୁଛ ପାଉଁଶ ହୋଇ।
ଝୁମୁରୁ ଝାଇଁ
ଯୁଆଡ଼େ ଯାଅ ଛତାଟି ନିଅ
ମୁଣ୍ଡେ ଗାମୁଛା ବାନ୍ଧିବ ଭାଇ।
ଝୁମୂରୁ ଝାଇଁ
ଘରେ ଥାଅ କି ପଦାକୁ ଯାଅ
ପାଣି ବୋତଲ ଭୁଲିବ ନାହି।

ଝୁମୁରୁ ଝାଇଁ
ବଡ ନିରିମମ କାଳ ଗିରିଷମ
ଉଷ୍ଣତା ବଢୁଛି ଘାଇଁଘାଇଁ।
ଝୁମୂରୁ ଝାଇଁ
ଗଛ ଲଗାଇବା ଜଙ୍ଗଲ ରଖିବା
ପରିବେଶ ରକ୍ଷା କରିବା ପାଇଁ।

+ବେଢ଼ାପଡ଼ା ଢେଙ୍କାନାଳ
ମୋ ୯୭୭୭୯୨୯୪୩୮

# ବିବାଦୀୟ କୋଇଡ଼ା ବିଡ଼ିଓ ପଲ୍ଲବୀରାଣୀ ରାଜଙ୍କ ସମ୍ବଲପୁରକୁ ବଦଳି

ରାଉରକେଲା, ୨୧/୦୪ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାର ବିବାଦୀୟ ବିଡ଼ିଓ ପଲ୍ଲବୀରାଣୀ ରାଜ୍ ଙ୍କ ସମ୍ବଲପୁର ବଦଳି ହୋଇଛି। ତାଙ୍କୁ ବଦଳି କରିଛନ୍ତି ରାଜ୍ୟ ସରକାର । ଏନେଇ ଗତକାଲି ରାତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଆଦେଶନାମା ପ୍ରକାଶ ପାଇଛି। ଶ୍ରୀମତୀ ରାଜ୍ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ରହି ସାଢ଼େ ୩ ବର୍ଷ ତଳେ କୋଇଡ଼ାରେ ଅବସ୍ଥାପିତ ହୋଇଥିଲେ । ସେଠାରେ ସେ ସାଧାରଣ ଲୋକଙ୍କ କାମ ନକରିବା, ଲୋକଙ୍କୁ ଦୁର୍ବ୍ୟବହାର କରିବା, ଲୋକ ପ୍ରତିନିଧିଙ୍କୁ ସମ୍ମାନ ନଦେବା ଭଳି ଗୁରୁତର ଅଭିଯୋଗ ତାଙ୍କ ବିରୋଧରେ ଆସିବା ସହ ସେଠାରେ ନିଜ ମାଆଙ୍କ ନାମରେ ଥିବା ଗାଡ଼ି ଗୁଡିକୁ ପରିବହନ କାମରେ ଲଗାଇ ଅର୍ଥ ରୋଜଗାର କରିବା, ନିଜ ଭାଇଙ୍କ ଦ୍ୱାରା ଠିକା କାମ କରାଇ ଫାଇଦା ନେବା ଭଳି ଅଭିଯୋଗ ହୋଇ ଆସୁଥିଲା । ତେବେ ଶ୍ରୀମତୀ ରାଜ୍ ଙ୍କ ଏଭଳି ଆଚରଣ ବିରୋଧରେ ସମ୍ପୃକ୍ତ ଅଂଚଳର ବିଧାୟକ ବିଧାନସଭାରେ ପ୍ରଶ୍ନ କରିବା ସହ କୋଇଡ଼ା ବନ୍ଦ ଡ଼ାକରା ଦେଇଥିଲେ ଏବଂ ତାଙ୍କ ବଦଳି ଦାବି କରିଥିଲେ । ଏପରିକି ଏମଏଲଏ ଫଣ୍ଡ କାର୍ଯ୍ୟକାରୀ ନକରିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଥିଲା । ତେବେ ସରକାର ଏହାକୁ କର୍ଣ୍ଣପାତ କରିନଥିବା ବେଳେ ହଠାତ୍ ତାଙ୍କ ଭାଇ ଓ ବାପା ତାଙ୍କୁ ମାଡ଼ ମାରିବା ଏବଂ ଏଥିରେ ହସ୍ତକ୍ଷେପ କରିଥିବା ସହକାରୀ ଯନ୍ତ୍ରୀଙ୍କୁ ମାଡ଼ ମାରିବା ନେଇ ଶ୍ରୀମତୀ ରାଜ୍ କୋଇଡ଼ା ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜ୍ଜୁ କରିବା ସହ ଘଟଣାରେ ତାଙ୍କ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । କିନ୍ତୁ, ଘଟଣା ପଛର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଅନ୍ୟପକ୍ଷରେ ସେହିଦିନ ଠାରୁ ସହକାରୀ ଯନ୍ତ୍ରୀ ଓ ବିଡ଼ିଓ ଶ୍ରୀମତୀ ରାଜ୍ କୋଇଡାରୁ ବାହାରେ ରହିଥିବା ବେଳେ ଇତିମଧ୍ୟରେ ରାଜ୍ୟ ସରକାର ଶ୍ରୀମତୀ ରାଜ୍ ଙ୍କୁ ସମ୍ବଲପୁର ବଦଳି କରିଛନ୍ତି । ହେଲେ ସହକାରୀ ଯନ୍ତ୍ରୀଙ୍କ ମାମଲା କ'ଣ ହେଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣା ରାଜ୍ୟ ବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି ।

# ବସ୍ ତଳେ ଚାପି ହୋଇଯାଇଥିବା ଠିକା କର୍ମଚାରୀଙ୍କ ମୃତ୍ୟୁ: ଖଣି ପକ୍ଷରୁ ସ୍ଥାୟୀ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି

ବଲାଣି, ୨୧/୦୪ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ବଲାଣି ଖଣିର ନିଜସ୍ୱ ସ୍କୁଲ୍ବସ୍ ତଳେ ଚାପି ହୋଇ ଗୁରୁତର ହୋଇଥିବା ଖଣି ବିଭାଗର ଠିକା କର୍ମଚାରୀ ମୋହନ ସିଂହ ପାଲିଆଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଛି । ଏ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲେ ସୁଦ୍ଧା କ୍ଷତିପୂରଣ ବାବଦକୁ ମୃତକର ପରିବାରରୁ ଜଣଙ୍କୁ ବଲାଣି ଖଣିରେ ଖଣି ନିୟମ ଅନୁସାରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତିଶ୍ରୁତି ପରେ ସ୍ଥିତି ସାମାନ୍ୟ ରହିଛି । ସୂଚନାନୁସାରେ ଚଳିତ ମାସ ୧୦ ତାରିଖ ସୋମବାର ଉକ୍ତ ବସ୍ ରେ ବଲାଣି ଖଣି ଅଂଚଳର ପିଲା ମାନଙ୍କୁ ବଡ଼ବିଲ ସ୍ଥିତ ସେଣ୍ଟ ମ୍ୟାରୀ ସ୍କୁଲରୁ ଆଣି ପିଲା ମାନଙ୍କୁ ଅଫିସର୍ସ କଲୋନୀରେ ଓହ୍ଲାଇ ଫେରୁଥିବା ସମୟରେ କୌଣସି କାରଣରୁ ଉକ୍ତ ବସ୍ ରେ ହେଲ୍ପର ଭାବରେ ନିୟୋଜିତ ଥିବା ମୋହନ ସିଂହ ପାଲିଆ ବସ୍ ର ପଛ ଚକ ତଳେ ଆସି ଯାଇଥିଲେ । ସେଠାରେ ଓହ୍ଲାଇ ଥିବା କିଛି ବିଦ୍ୟାଳୟର ଛାତ୍ରଛାତ୍ରୀ ଚିତ୍କାର କରିବା ଯୋଗୁଁ ବସ୍ ର ଚାଳକ ଗାଡିଟିକୁ ଅଟକାଇଥିଲେ ତେବେ ସେତେବେଳକୁ ବସ୍ ର ଚକା ମୋହନଙ୍କ ପେଟ,ଜଙ୍ଘ ଓ ଅଣ୍ଟାରେ ଚଢି ଯାଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ମୋହନଙ୍କୁ ନିକଟସ୍ଥ ସେଲ୍ ଡକ୍ଟରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାଉରକେଲା ସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନନ୍ତରିତ କରାଯାଇଥିଲା । ତେବେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି । ଏ ନେଇ ପୂର୍ବରୁ ପରିବାର ଲୋକେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ବଲାଣି ପୁଲିସ ଖଣି ପରିସରରୁ ଦୁର୍ଘଟଣା ଘଟାଇଥିବା ସ୍କୁଲ ବସକୁ କୁ ଜବତ କରିବା ସହିତ ବଲାଣି ଖଣିରେ ସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟରତ ଚାଳକଙ୍କୁ ଅଟକ ରଖିଥିଲେ ।

## ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ

ପୁରୀ, ୨୧/୦୪ (ନି.ପ୍ର): ଶ୍ରୀଜଗନ୍ନାଥ ଶିଶୁ ବିହାର ଓ ତପୋବନ ଆଦର୍ଶ ବିଦ୍ୟାଳୟର ମିଳିତ ବାର୍ଷିକୋତ୍ସବ ପୌରସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ,ଉଦଘାଟକ ଭାବେ ବରିଷ୍ଠ ପୋଲିସ ଅଧିକାରୀ ରାଜକିଶୋର ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଡ଼.ବିଶ୍ୱଜିତ ଘୋଷ, ମୁଖ୍ୟବକ୍ତା ଭାବେ ଡ଼. ଶଙ୍କର୍ଷଣ ଦାଶ ପ୍ରମୁଖ ଯୋଗ ଦେଇ ଶିଶୁଙ୍କ ବୌଦ୍ଧିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ବିଦ୍ୟାଳୟର ସଭାପତି ତଥା ଅଧ୍ୟାପକ ଡ଼. ପ୍ରମୋଦ କୁମାର ଆଚାର୍ଯ୍ୟ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରାରମ୍ଭିକ ସଙ୍ଗୀତ,ଯୋଗାସନ,ଡ୍ରିଲ୍,ଓଡ଼ିଶୀ ନୃତ୍ୟ ସହ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ତପୋବନ ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଅନ୍ନପୂର୍ଣ୍ଣା ପାଣି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଶ୍ରୀଜଗନ୍ନାଥ ଶିଶୁ ବିହାରର ଅଧକ୍ଷା ସଞ୍ଜୁକ୍ତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଦିନମଣୀ ବଳ,ପ୍ରକାଶ ଦାଶ,ନିବେଦିତା ବାରିକ, ସରସ୍ୱତୀ ଦାଶ, ଶୁଭଲକ୍ଷ୍ମୀ ମହାନ୍ତି, ସୁଶ୍ରୀ ରଞ୍ଜିତା ବାରିକ,ମଞ୍ଜୁଲତା ସାହୁ, ଶୁଭଲକ୍ଷ୍ମୀ ରାଉତରାୟ ,ଜ୍ୟୋତିରାଣୀ ବାରିକ, ଭାଗ୍ୟବତୀ ପରିଡ଼ା, ସୌଭାଗିନୀ ଓଝା,ରାଜଲକ୍ଷ୍ମୀ ମିଶ୍ର, ମିନାକ୍ଷୀ ମହାରଣା,ସୁଜାତା ବେହେରା, ପ୍ରଭାତି ସାହୁ,ମଧୁସ୍ମିତା ଶତପଥ.ସୁପ୍ରିୟା ପାତ୍ର,ପ୍ରଭାସିନୀ ପ୍ରଧାନ, ସୁଜାତା ଦାଶ, ସାଗରିକା ସେଠୀ, ବନଶ୍ରୀ ଦାଶ, ସୁଦର୍ଶନ ମହାପାତ୍ର,ବୃନ୍ଦାବନ ସାହୁ, ଲକ୍ଷ୍ମୀ ସାମନ୍ତରାୟ,ରେବତୀ ପଣ୍ଡା, ଜ୍ୟୋସ୍ନା ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଲାଙ୍ଗୀରର ଲିଗ୍ କ୍ରିକେଟ : ଆବ୍ରାହମ ଓ ତୁଷାର ରୟାଲ ବିଜୟୀ

ବଲାଙ୍ଗୀର, ୨୧/୦୪ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲୁଥିବା ବଲାଙ୍ଗିର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ ଚତୁର୍ଥ ଦିବସର ପ୍ରଥମ ମ୍ୟାଚଟି ଆବ୍ରାହମ ଓ ସ୍ୱରାଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆବ୍ରାହମ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ୨ ୱିକେଟ ବିନିମୟରେ ୨୨୧ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ କିଶନ ନାଏକ ଅପରାଜିତ ସର୍ବାଧିକ ୧୧୦ ରନ୍ (୫୨ ବଲ) ଓ ଆୟୁଷ ସାହୁ ୭୪ ରନ୍ ସଂଗ୍ରହ କରିଥିଲେ । ସ୍ୱରାଜ ଦଳ ପକ୍ଷରୁ ସଫଳ ବୋଲର ଭାବରେ ଆୟୁଷ୍ମାନ ଦାଶ ଓ ଗୋଲକ ବିହାରୀ ସିଂଦେଓ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ । ଜବାବରେ ସ୍ୱରାଜ ଦଳ ସମୁଦାୟ ୨୦୪ ରନ୍ ସଂଗ୍ରହ କରି ୧୭ ରନ୍ ରେ ପରାଜିତ ହୋଇଥିଲେ । ସ୍ୱରାଜ ଦଳ ପକ୍ଷରୁ ଖଗେଶ୍ୱର ପ୍ରଧାନ ସର୍ବାଧିକ ୪୩ ରନ୍, ଶୈଳେଶ ପଟ୍ଟନାୟକ ୩୭ ରନ୍ ଓ ଧର୍ମେନ୍ଦ୍ର ମିଶ୍ର ୨୬ ରନ୍ ସଂଗ୍ରହ କରିଥିଲେ । ଆବ୍ରାହମ ଦଳ ପକ୍ଷରୁ ସଫଳ ବୋଲର ଭାବରେ କିଶନ ନାଏକ ଓ ଇସାନସୁ ନାମଦେବ ୨ ଗୋଟି ଲେଖାଏଁ ୱିକେଟ ନେଇଥିଲେ । ଆବ୍ରାହମ ଦଳର କିଶନ ନାଏକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଦିଆଯାଇଥିଲା । ସେହିଭଳି ଭାବରେ ଦ୍ୱିତୀୟ ମ୍ୟାଚ୍ଟି ସାନଭି ଓ ତୁଷାର ରୟାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲେ । ସାନ୍ଭି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୭୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅନୁରାଗ ପ୍ରଧାନ ସର୍ବାଧିକ ୧୩ ରନ୍ ସଂଗ୍ରହ କରିଥିଲେ । ତୁଷାର ରୟାଲ ଦଳ ପକ୍ଷରୁ ସଫଳ ବୋଲର ଭାବରେ ବିଜ୍ଞାନ ମିଶ୍ର ସର୍ବାଧିକ ୪ ଗୋଟି ୱିକେଟ ଓ ବାବୁଲୁ ସେଠି ୩ ଗୋଟି ୱିକେଟ ନେଇଥିଲେ । ଜବାବ ରେ ତୁଷାର ରୟାଲ ଦଳ ୩ ୱିକେଟ ହରାଇ ଆବଶ୍ୟକୀୟ ୭୪/୩ ରନ୍ ସଂଗ୍ରହ କରି ବିଜୟ ହୋଇଥିଲେ । ତୁଷାର ରୟାଲ ଦଳ ପକ୍ଷରୁ ରାଘବେନ୍ଦ୍ର ତ୍ରିପାଠି ୪୨ ରନ୍ ଓ ରାହୁଲ ସାହୁ ୧୨ ରନ୍ ସଂଗ୍ରହ କରିଥିଲେ । ସାନଭି ଦଳର ସତ୍ୟନାରାୟଣ ଜେନା ୨ ଗୋଟି ୱିକେଟ ନେଇଥିଲେ । ତୁଷାର ରୟାଲ ଦଳର ବିଜ୍ଞାନ ମିଶ୍ରଙ୍କ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବରେ ଦୟାନନ୍ଦ ପ୍ଲେ ସ୍କୁଲର ପ୍ରିନ୍ସପାଲ ଦିବ୍ୟନାରାୟ ମିଶ୍ର ଯୋଗ ଦେଇଥିବା ବେଳେ ପୂଣ୍ୟମୁର୍ତ୍ତି ଖ୍ରୀଷ୍ଟୋଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଇ ଖେଳାଳି ତଥା ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଏହି ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପିୟାର ପୃଥ୍ୱୀରାଜ ମିଶ୍ର, ସମୀର ପାଣିଗ୍ରାହୀ, ଶ୍ୟାମ ସୁନ୍ଦର ପଣ୍ଡା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିବାବେଳେ ଜଗପତି ନାଏକ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି ମ୍ୟାଚ୍ଟି କ୍ରିକେଟ କାଲସନ ଓ କ୍ରିଚ ହିରୋ ୟୁଟ୍ୟୁବ୍ରେ ପ୍ରସାରଣ ହେଉଥିଲା । ଦୟାନନ୍ଦ ପ୍ଲେ ସ୍କୁଲ ତରଫରୁ ପ୍ରତ୍ୟେକ ଦିନ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଉଛି । ଏହି ଟୁର୍ଣ୍ଣାମେଂଟର ଚମ୍ପିୟାନ ଦଳକୁ ୫୦ହଜାର ଓ ରନର୍ସଅପ୍ ଦଳକୁ ୩୦ ହଜାର ରାଶି ପୁରସ୍କାର ପ୍ରଦାନ କରାଯିବ । ଆସନ୍ତା କାଲି ଫାଇନାଲ ମ୍ୟାଚଟି ତୁଷାର ରୟାଲ କିଙ୍ଗ ଓ ଏଏଫ୍ସିସି ଦଳ ମଧ୍ୟରେ ଅନୁଷ୍ଠିତ ହେବ ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରିତ ଓଏଭି ଶିକ୍ଷକ ନାମରେ ଥାନାରେ ଅଭିଯୋଗ

ବଲାଙ୍ଗୀର, ୨୧/୦୪ (ନି.ପ୍ର): ବିବାହ ପ୍ରତିଶୃତି ଦେଇ ପ୍ରେମପ୍ରତାରଣା କରିଥିବା ନେଇ ମହିମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଗଜମଣୀ ବାଗଙ୍କ ନାମରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଖପ୍ରାଖୋଲ ବ୍ଲକର ମାଲପଡା ନିବାସୀ ତଥା ପୁଇଁତଲା ବ୍ଲକର ମହିମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଗଜମଣୀ ବାଗଙ୍କ ନାମରେ ପ୍ରେମପ୍ରତାରଣାର ଅଭିଯୋଗ ଆଣିଛନ୍ତି ତାଙ୍କର ବାନ୍ଧବୀ । ଗଜମଣୀ ମାଲପଡା ନିବାସୀ ହୋଇଥିବା ବେଳେ ତାଙ୍କର ବାନ୍ଧବୀ ସେହି ଗାଁ ପାଖର ଝାଙ୍କରୀପାଲି ଗାଁର ଅଟନ୍ତି । ଦୁହେଁ ଦୀର୍ଘବର୍ଷ ହେଲା ଲିଭ୍ ଇନ୍ ରିଲେସନରେ ରହିଆସୁଥିଲେ ବୋଲି ତାଙ୍କର ବାନ୍ଧବୀ କହିଛନ୍ତି । ଉଭୟେ ପତି ପତ୍ନୀ ଭଳି ରହିଆସୁଥିବା ବେଳେ ବିବାହର ପ୍ରତିଶୃତି ଦେଇ ଗଜମଣୀ ତାଙ୍କର ବାନ୍ଧବୀଙ୍କ ସାଙ୍ଗରେ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ । କିନ୍ତୁ ଏବେ ଗଜମଣୀ ତାଙ୍କୁ ଧୋକା ଦେଇ ଅନ୍ୟ ଏକ ଝିଅକୁ ବିବାହ କରିବାକୁ ନିର୍ବନ୍ଧ କରିସାରିଛନ୍ତି । ଫଳରେ ଅସହାୟ ଯୁବତୀ ବାଧ ହୋଇ ନ୍ୟାୟ ପାଇବାକୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଗତକାଲି ଯୁବତୀ ନିଜ ପରିବାର ଲୋକଙ୍କ ସହିତ ଲାଠୋର ଥାନାରେ ପହଂଚି ଏତଲା ଦେଇଥିବା ଜଣାପଡିଛି । ତାଙ୍କ ଏତଲାକୁ ଭିତିକରି ଲାଠୋର ଥାନାରେ ମାମଲା ନମ୍ବର ୪୮/ ୨୦୨୩ରେ କେସ ରୁଜୁ ହୋଇ ତଦନ୍ତ ଚାଲିଥିବା ସୂଚନା ମିଳିଛି ।

# ବଲାଙ୍ଗିର ରାମଲିଳା ନାଟକ ଶେଷ ପର୍ବ

## ରାବଣ ବଧ ସହ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟଭିଷେକ

ବଲାଙ୍ଗୀର, ୨୧/୦୪ (ନି.ପ୍ର): ସର୍ବ ପୁରାତନ ରାମଜୀ ନାଟକ ସଂସ୍ଥା ଦ୍ୱାରା ଦିର୍ଘ ୧୭ ଦିନ ଧରି ଚାଲି ଆସୁଥିବା ଯାତ୍ରା ଉଦ୍ଯାପିତ ହୋଇଯାଇଅଛି । ରାମଲିଳା ଅନ୍ତିମ ଦିନରେ ରାବଣ ବଧ ସହ ପାରମ୍ପାରିକ ରୀତିରେ ପରିବେଷଣ ହୋଇଥିବା ବେଳେ କୁମ୍ଭକର୍ଣ୍ଣ ବଧ, ଇନ୍ଦ୍ରଜିତ ବଧ, ତରଣୀସେନ ବଧ, ମହିରାବଣ ବଧ ଓ ରାବଣ ବଧ ସହ ଶ୍ରୀ ରାମଚନ୍ଦ୍ର ଙ୍କ ଅଭିଷେକ ସହ ଅଯୋଧ୍ୟା ଗମନ ସହ ଉଦ୍ଯାପିତ ହୋଇଯାଇଛି । ଉଦ୍ ?ଯାପିତ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ନଟରାଜ କଳା ପରିଷଦ ଦ୍ୱାରା ନାବକେଳି ନୃତ୍ୟ ପରିବେଷଣ ସହ ବିଭିନ୍ନ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ବାଦ୍ୟରେ ଦିଲିପ କୁମାର ସିଂଦେଓ, ପୀତବାସ ବେହେରା, ପାଳିଆ ବାସୁଦେବ ବେହେରା, ଶୁଶାନ୍ତ ଚେପଦାର, ମହିଳା କଣ୍ଠଶିଳ୍ପୀ ଶ୍ରୀୟା ପଟେଲ, ଶ୍ରୀକାନ୍ତ ଦାଶ, ଜୟପ୍ରକାଶ ପୁଜାରୀ, ସଂଜିବ ସାହାଣି, ସାଜସଜ୍ଜାରେ ରବିଚନ୍ଦ୍ର ନାଏକ ଓ ସାଥୀ, ସାଉଣ୍ଡ ଲାଇଟ ରେ ସରୋଜ ରାଉତ ଓ ସଖୀ ନରେନ୍ଦ୍ର ନିହାଲ, ଚୈତନ୍ୟ ମଟାରୀ, ହିମାଂଶୁ ଯୋଷୀ, ଦୁଷ୍ମନ୍ତ ପଟେଲ, ଶ୍ରୀତମ ପଟେଲ, କ୍ଷେତ୍ରବାସୀ ବନଛୋର । ରାମ ଭୂମିକାରେ ଶୈଳେଶ ବାବୁ, ଲକ୍ଷ୍ମଣରେ ଆନନ୍ଦ ମିଶ୍ର, ସୀତା ଭୂମିକାରେ ମାନସ ସାହୁ, ନାରଦରେ ଚିଦାନନ୍ଦ ବେହେରା, ଭରତରେ ସନାନତ ଦେବତା, ଶତ୍ରୃଘନ ବେଲାର ସାହୁ, ସୁକ୍ରିବ ରେ ଜିତେନ୍ଦ୍ର ବଢ଼ିଆ, ବିଭିଷଣ ରେ ଅରୁଣ କୁମାର ନାଏକ, ହନୁମାନରେ ଘନଶ୍ୟାମ ସାଏ, ଫଟୋ ଉତୋଳନରେ ସଂଗ୍ରାମ କେଶରୀ ନାଏକ, ଦୂତ ଓ କମ୍ଭକର୍ଣ୍ଣରେ ବିକ୍କୁ ନାଏକ, ଗଙ୍ଗା ଦେବତା , କାଳନେମି ରେ ପ୍ରହଲ୍ଲାଦ ଦର୍ଜୀ, ଇନ୍ଦ୍ରଜିତ ଭୂମିକାରେ ଟୁକୁ ବଢିଆ ପ୍ରମୁଖ ଅଭିନୟ କରିଥିବା ବେଳେ ରାବଣ ଭୂମିକା ରୁଦ୍ରନାରାୟଣ ପଟେଲ ଅଭିନୟ କରିଥିବା ବେଳେ ସଦାଶିବ ଙ୍କ ରଚିତ ରାମାୟଣ କଣ୍ଠରେ ଗୁରୁ ବାଳମୁକୁନ୍ଦ ବେହେରା ଙ୍କ ସଂଯୋଜନାରେ ନାଟକ ମଂଚସ୍ଥ ହୋଇଥିଲା । ଶିଶୁ କଳାକାର ଆଦର୍ଶ ବେହେରା ଓ ଜାଗୃତି ସା ରାଧାକୃଷ୍ଣ ଭୂମିକା ଅଭିନୟ କରିଛନ୍ତି ।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ ୨ ହଜାର ଟଙ୍କା ଜୋରିମାନା

କନ୍ଧମାଳ , ୨୧/୦୪ (ନି.ପ୍ର): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଏକ ଦୁଷ୍କର୍ମ ମାମଲାର ବିଚାରଣା କରି ଘଟଣାର ସାକ୍ଷୀ, ଡାକ୍ତରୀ ରିପୋର୍ଟ ଏବଂ ପ୍ରମାଣ ଆଧାରରେ ମାମଲାର ଅଭିଯୁକ୍ତ ସୁଧାକର ପୃଷ୍ଟିଙ୍କୁ ଦୋଷୀ ସାବ୍ୟସ୍ତ କରି ୦୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ନିଜ ରାୟରେ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ । ଘଟଣା ଅନୁସାରେ ଗତ ୨୪.୧୦. ୨୦୨୦ ତାରିଖ ଦିନ ନାବାଳିକା ଜଣକ ଫୁଲ ତୋଳିବାକୁ ଗାଁ ସ୍କୁଲକୁ ଯାଉଥିବା ବେଳେ ବରଡିକିଆ ଗ୍ରାମର ସୁଧାକର ନାବାଳିକାର ହାତକୁ ଟାଣି ନେଇ ଦୋକାନ ପାଇଁ ତିଆରି ହେଉଥିବା ଘର ଭିତରକୁ ନେଇ ଜୋର ଜବରଦସ୍ତ କାନ୍ଥକୁ ଆଉଯାଇ କିସ କଲା । ଏଥିସହିତ ପିଡିତାର ଛାତିକୁ ଜାବୁଡ଼ି ଧରିବା ସମୟରେ ନାବାଳିକା ଜଣକ ତା ହାତକୁ କାମୁଡି ଦେବାରୁ ସେ ମୋତେ କହିଲା ବ୍ରାହ୍ମଣପାଦ ସ୍କୁଲକୁ ଗଲାବେଳେ ରେଫ କରିଦେବି ବୋଲି ମଧ୍ୟ ଧମକ ଦେଇଥିଲା । ପରେ ସମସ୍ତ ଘଟଣା ବାପା ମାଙ୍କୁ ନାବାଳିକା ଜଣାଇଥିଲା । ପରେ ନାବାଳିକାର ପରିବାର ଚକାପାଦ ଥାନାରେ ଏତଲା ଦେଇଥିଲେ । ପୋଲିସ ଏ ସଂକ୍ରାନ୍ତରେ ୫୬/୨୦ ମାମଲା ରୁଜ୍ଜୁ କରିବା ସହ ଅଭିଯୁକ୍ତ ସୁଧାକରକୁ ଗିରଫ କରି ପୋକ୍ସୋ ଆଇନ ଅନୁସାରେ ରୁଜ୍ଜୁ କରିବା ସହିତ ଅଭିଯୁକ୍ତକୁ କୋର୍ଟରେ ହାଜର କରାଇଥିଲା । ଆଜି ସେହି ମାମଲାରର ବିଚାରଣ କରି ବିଚାରପତି ଉପୋରୋକ୍ତ ରାୟ ଶୁଣାଇଛନ୍ତି । ଏଥି ସହିତ ଏହି ମାମଲାରେ ପୀଡିତାର ପରିବାରକୁ ଆଇନସେବା ପ୍ରାଧିକରଣ ତରଫରୁ ୧ ଲକ୍ଷ ୫୦ହଜାର ଟଙ୍କା କ୍ଷତି ପୂରଣ ରାଶି ଯୋଗାଇ ଦେବାଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସମନ୍ୱୟ ସଭା ଅନୁଷ୍ଠିତ

ପୁରୀ, ୨୧/୦୪ (ନି.ପ୍ର): ବିଗତ ବର୍ଷରେ ରଥଯାତ୍ରାରେ ସ୍ୱଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା । ଚଳିତ ରଥଯାତ୍ରା ରେ ମଧ ସ୍ୱଛାସେବୀ ମାନେ ଯାତ୍ରୀ ଓ ଶ୍ରଦ୍ଧାଳୁ ମାନଙ୍କୁ ଅନୁରୂପ ସେବା ଯୋଗାଇ ଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା । ଆଜି ଅପରାହ୍ନରେ ଟାଉନହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ବର୍ମା ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତ ଙ୍କ ସହଯୋଗ ଜରୁରୀ ହୋଇଥାଏ । ତେଣୁ ସ୍ୱଛାସେବୀ ଅନୁଷ୍ଠାନ ଓ କର୍ମକର୍ତା ମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ଶ୍ରୀଜୀଉଙ୍କ ଦର୍ଶନ ରେ ଆସିଥିବା ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପରେ ବିସ୍ତୃତ ଆଲୋଚନା ପରେ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା,ଷ୍ଟେଚର ସେବା,ରକ୍ତ ଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ,ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳ ସିଂଚନ,ରାସ୍ତା ଘାଟ ପରିଷ୍କାର,ଶ୍ରୀମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡ, ସମୁଦ୍ର କୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡ ରୁ ବୁଲା ଗାଈଗୋରୁ ଓ ଷଣ୍ଢକୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦି କୁ ସ୍ୱଛାସେବୀ ଅନୁଷ୍ଠାନ ମାନେ ପରିଚାଳନା କରିବେ ବୋଲି ଆଲୋଚନା କରାଗଲା । ଏହି କାର୍ଯ୍ୟକୁ ବିଭିନ୍ନ ସବକମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସର ଙ୍କ ତତ୍ୱବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସ୍ଥିର ହେଲା । ଯେଉଁ କ୍ଷେତ୍ରରେ ଯେଉଁ ସ୍ୱଛାସେବୀ ଅନୁଷ୍ଠାନ ମାନଙ୍କର ଅଭିଜ୍ଞତା ରହିଛି ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ । ପରବର୍ତୀ ସମୟରେ ନୋଡାଲ ଅଫିସର ମାନଙ୍କ ତତ୍ୱାବଧାନରେ ଏହି ଅନୁଷ୍ଠାନ ର କର୍ମକର୍ତାଙ୍କ ସହ ଏକାଧିକ ବୈଠକ ଆୟୋଜନ କରାଯାଇ ପୂର୍ଣ୍ଣାଙ୍ଗ ଖସଡ଼ା ପ୍ରସ୍ତୁତ ହେବ ବୋଲି ସ୍ଥିର ହେଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସମସ୍ତ ଙ୍କୁ ସ୍ୱାଗତ କରିବା ସହ ଏହି ପବିତ୍ର ସେବା କାର୍ଯ୍ୟରେ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ,ଉପଜିଲ୍ଲାପାଳ ଭବତରଣ ସାହୁ,ପି କେ ଡି ଏ ର ସଂପାଦକ ଡଃ ଲଲାଟେନ୍ଦୁ ସାହୁ,ଏ ଡ଼ି ଏମ ଓ ଡା ବିରଜା ଶଙ୍କର ରଥ, ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ,ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ପୋଲିସ ଆର ଆଇ ଚନ୍ଦ୍ର ଶେଖର ଦାଶ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସଭାରେ ଅନ୍ୟାନ୍ୟ ବିଭାଗର ଅଧିକାରୀ ଙ୍କ ସହ ବିଭିନ୍ନ ସ୍ୱଛାସେବୀ ଅନୁଷ୍ଠାନର କର୍ମକର୍ତା ପ୍ରମୁଖ ଯୋଗ ଦେଇ ବିବିଧ ପ୍ରସ୍ତାବ ମାନ ଦେଇଥିଲେ ।

## ମାପ ଓଜନ ବିଭାଗର ଚଢାଉ

ଜୟପୁର, ୨୧/୦୪ (ନି.ପ୍ର): କୋରାପୁଟ ସହରରେ ମାପ ଓଜନ ବିଭାଗ ତରଫରୁ ଚଢାଉ କରାଯାଇଛି । ସହରରେ ଥିବା ତେଜରାତି ଦୋକାନ, ଲୁହା ଦୋକାନ, ସିମେଂଟ ଓ ରଡ ଦୋକାନ, ଗୋ ଖାଦ୍ୟ ଦୋକାନ ସହ ପନି ପରିବା ଦୋକାନ ରେ ଚଢାଉ କରାଯାଇଛି । ଏପରି ଭାବେ ୧୧ଟି ଦୋକାନ ଉପରେ ଚଢାଉ କରାଯାଇଥିଲା । ଚଢାଉ କରାଯାଇ ମାପ ଓ ଓଜନ ଯାଂଚ କରାଯାଇ ୧୧ଟି ଦୋକାନରୁ ୨୯ ହଜାର ୫ ଶହ ଟଙ୍କା ଜବତ କରାଯାଇଥିଲା । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ଚଢାଉରେ ଉପ ନିୟନ୍ତ୍ରକ ସତ୍ୟ ଜିତ ବିଶ୍ୱଳ, ସହକାରି ନିୟନ୍ତ୍ରକ ଜୟପୁର ବିଜୟ କୁମାର ନାୟକ, ନିରିକ୍ଷକ କୋରାପୁଟ ଅତୁଳ ଦିପ ତପନୁ, ସହ ରଘୁନାଥ କନ୍ଦ ଓ ଅନୁପ କୁମାର ସ୍ୱାଇଁ ଉପସ୍ଥିତ ଥିଲେ । ଆଗକୁ ମଧ ଚଢାଉ ଜୋର ସୋରରେ ହେବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଓଡିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ସଂଘ ତରଫରୁ ବିକ୍ଷୋଭ ଓ ଘେରାଉ

ଜୟପୁର, ୨୧/୦୪ (ନି.ପ୍ର): ଓଡିଶା ରାଜ୍ୟ ସ୍ୱାବଲମ୍ବୀ କାରିଗର ସଂଘ ଜୟପୁର ଶାଖା ତରଫରୁ ଘେରାଉ ବିକ୍ଷୋଭ କରାଯାଇଛି । ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟ, ବ୍ଲକ ଅଫିସ ଓ ଆର ଡବ୍ଲୁ ଏସଏସ ଏସଡିଓଙ୍କ କାର୍ଯ୍ୟାଳୟକୁ ଘେରାଉ ବିକ୍ଷୋଭ କରାଯାଇ ବିଭାଗ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୋରାପୁଟ ଜିଲାର ସ୍ୱାବଲମ୍ବୀ କାରିଗର ତଥା ପମ୍ପ ଚାଳକ ମାନେ ସରକାରଙ୍କ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିନରେ ଦୀର୍ଘ ଦନ ହେଲା ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟ କରି ଆସୁଛନ୍ତି । ସଂଘ ତରଫରୁ ବାର ବାର ରାଜ୍ୟ ସ୍ତରରେ ଓ ଜିଲା ସ୍ତରରେ ଦାବି କଲା ପରେ ମଧ କୌଣସି ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ତୁରନ୍ତ ୯ ଦଫା ଦାବି ପୁରଣ କରିବାକୁ ସଂଘ ତରଫରୁ ଦାବି କରାଯାଇଛି । ଉକ୍ତ ଦାବି ଗୁଡକ ହେଲା ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ମାନଙ୍କୁ ସରକାରୀ କର୍ମଚାରି ଭାବେ ଘୋଷଣା କରିବା, ସରକାରଙ୍କ ତରଫରୁ ସବନିମ୍ନ ମଜୁରି ଦୈନିକ ୫୫୦ ଟଙ୍କା ହାରରେ ବେତନ ଦିଆଯାଉ, କୁଶଳୀ କାରିଗର ହିସାବରେ ମଜୁରି ପ୍ରଦାନ କରାଯାଉ, ପରିଚୟ ପତ୍ର ପ୍ରଦାନ କରାଯାଉ, ମେଗା ଜଳ ଯୋଗାଣ ପ୍ରକଳ୍ପରେ ପମ୍ପ ଚାଳକ ଭାବରେ ରଖାଯାଉ, ଭବିଷ୍ୟନିଧି ଓ ବୀମା ଲାଗୁ କରାଯାଉ, ବିଭାଗରେ ଖାଲି ପଡିଥିବା ପଦବୀରେ ସ୍ୱବଲମ୍ବୀ କାରିଗରକୁ ନିଯୁକ୍ତି ଦିଆଯାଉ ଆଦି ଦାବି ରହିଛି । ଏହି ବିକ୍ଷୋଭରେ ସମାଜସେବୀ ବି. ହରି ରାଓ, ବ୍ଲକ ସଭାପତି ଗୋପାଳ ନାୟକ, ସମ୍ପାଦକ ଜଗଦୀଶ ପୁଜାରୀ, ଉପ ସଭାପତି କୁମାର ନାୟକ, ସହ ସମ୍ପାଦକ ରାମ ଚନ୍ଦ୍ର ନାୟକ, ଉପଦେଷ୍ଟା ଭାସ୍କର ନାୟକ. ହରି ମାଳି, ସୁରେନ୍ଦ୍ର ନାୟକ, ସୁରେନ୍ଦ୍ର ପରିଛା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦାବି ପତ୍ର ର ନକଲ ଶ୍ରମ ମନ୍ତ୍ରୀ ଓ ପଞ୍ଚାୟତ ରାଜଙ୍କୁ ପ୍ରଦାନ କରାଯାଇଛି ।

## ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର

ଜୟପୁର, ୨୧/୦୪ (ନି.ପ୍ର): ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଓ ପୌରାଂଚଳର ଗଣନାକାରୀ ଓ ପରିଦର୍ଶକଙ୍କୁ ତାଲିମ ଦିଆଯାଇଛି । ଜୟପୁର ବ୍ଲକ ପରିସରରେ ଆୟୋଜିତ ଶିବିରରେ ବିଡିଓ ରାଜୀବ ଦାସ, ତହସିଲଦାର ସାଗରିକା ଷଡଙ୍ଗୀ, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ ତାଲିମ ପ୍ରଦାନ କରିଥିଲେ । ୧୨୪ ଜଣ ଅଙ୍ଗନବାଡୀ କର୍ମି ଓ ଆଇସିଡିଏସ ସୁପରଭାଇଜର ଗଣନାକାରୀ ଓ ପରିଦର୍ଶକ ଭାବେ ତାଲିମ ନେଇଥିଲେ । ୧୧ ଓ ୨୦ ତାରିଖ ଦୁଇଟି ଦଫାରେ ତାଲିମ ଦିଆଯିବ । ତାଲିମ ନେବା ପରେ ମେ୧ ରୁ ୨୭ ତାରିଖ ଯାଏ ସର୍ଭେ ହେବ । ପ୍ରତ୍ୟେକ ରାଜସ୍ୱ ଗ୍ରାମ ରେ ଥିବା ସ୍କୁଲ କିମ୍ୱା ଅଙ୍ଗନବାଡୀ କେନ୍ଦ୍ର ରେ ସେଂଟର କରାଯାଇଛି ।

# ସବରେଜିଷ୍ଟାର କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢାଉକୁ ନେଇ ଚର୍ଚ୍ଚା

ପୁରୀ, ୨୧/୦୪ (ନି.ପ୍ର): ଗତକାଲି ବୁଧବାର ଅପରାହ୍ନରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ପୁରୀ ସବରେଜିଷ୍ଟାର ଅଫିସରେ ଚଢାଉ କରାଯାଇ ମୁଖ୍ୟ କିରାଣି ରଘୁନାଥ ବିଶୋଇଙ୍କୁ ଲାଂଚ ନେଉଥିବା ସମୟରେ ଧରା ପଡ଼ିଥିଲେ । ପରେ ଭିଜିଲାନ୍ସ ଥାନା ପକ୍ଷରୁ ୧୦/୨୩ରେ ମାମଲା ରୁଜୁ କରାଯାଇ ଶ୍ରୀ ବିଶୋଇଙ୍କୁ ଗିରଫ କରାଯାଇଥିଲା । ସନ୍ତୋଷ ବିନ୍ଧାଣି ନାମକ ଜୈନିକ ବ୍ୟକ୍ତିଙ୍କ ଠାରୁ କ୍ଷମତାପତ୍ର ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ । ଏହି ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ରସାୟନିକ ପ୍ରଲେପ ବୋଳା ଯାଇଥିବା ଟଙ୍କାକୁ ଶ୍ରୀ ବିଶୋଇ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ହାତରେ ପାଣି ମାରିବାରୁ ତାହା ନାଲି ରଙ୍ଗ ବାହାରିଥିଲା । ସାକ୍ଷୀମାନଙ୍କ ସମ୍ମୁଖରେ ଟଙ୍କା ନେବା ପ୍ରମାଣ ମିଳିବାରୁ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ବିଶୋଇଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଥାନାକୁ ଉଠାଇ ନେଇଥିଲେ । ତାଙ୍କ ଆୟ ବର୍ହିଭୂତ ସଂପତି ୧ କୋଟିରୁ ଅଧିକ ହେବ ବୋଲି କଚେରି ଛକରେ ଆଇନଜୀବୀମାନେ ଆଲୋଚନା କରୁଛନ୍ତି । ପୂର୍ବରୁ ବହୁ ଜମି କାରବାରରେ ଭୁଲ ଭଟକା ଦେଖାଇ ଲକ୍ଷାଧିକ ଟଙ୍କା ଅନୈତିକ ଉପାୟରେ ଗ୍ରହଣ କରୁଥିବା ଅଭିଯୋଗ ହେଉଥିଲା । ଶ୍ରୀ ବିଶୋଇଙ୍କୁ ଭିଜିଲାନ୍ସ ଧରିବା ପରେ ପାଖରେ ଥିବା ଅନ୍ୟ ଅଫିସରେ କାର୍ଯ୍ୟରତ କର୍ମଚାରଙ୍କ ମଧ୍ୟରେ ଛନକା ପସିଛି । ସେହି ଅଫିସ ନିକଟରେ ଥିବା ରାଜପଥ କ୍ଷତି ପୂରଣ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଅଧିକାରୀ ଖୁବ କମ ସମୟରେ ଅଧିକ ଲାଂଚ ଗ୍ରହଣ କରୁଥିବା ଆଇନଜୀବୀମାନେ ଆଲୋଚନା କରୁଛନ୍ତି । ଦୀର୍ଘ ବର୍ଷଧରି ସେହି ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ଟଙ୍କା ଗ୍ରହଣ କରୁଥିବା ଅଧସ୍ତନ କର୍ମଚାରୀମାନେ ଭିଜିଲାନ୍ସ ହାତରେ ଧରା ପଡୁଥିବା ବେଳେ ମୁଖ୍ୟ ଅଧିକାରୀମାନେ ଖସି ଯାଉଥିବା ଆଲୋଚନା ହେଉଛି । ନିକଟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜୈନିକ କର୍ମଚାରୀ ୫୦ ହଜାର ଟଙ୍କା ଲାଂଚ ଗ୍ରହଣ କରି ଗିରଫ ହୋଇଥିଲେ । ବିଭିନ୍ନ କାର୍ଯ୍ୟାଳୟରେ ସରକାରୀ କର୍ମଚାରୀମାନେ ଲାଞ୍ଚ ନେଇ ଗିରଫ ହେଉଥିବା ବେଳେ ଦୁର୍ନିତୀର ମୂଳ ଉତ୍ପାଟନ ହୋଇ ପାରୁନଥିବା ଆଲୋଚନା ହେଉଛି ।

# ବିଶ୍ୱବିଦ୍ୟାଳୟରେ ବଜ୍ରପାତ ଜନିତ ମୃତ୍ୟୁର କାରଣ ଓ ନିରାକରଣ ସମ୍ପର୍କରେ କର୍ମଶାଳା



ବାରିପଦା, ୨୧/୦୪ (ନି.ପ୍ର): ବଜ୍ରପାତ ଜନିତ ମୃତ୍ୟୁ ଦିନକୁ ଦିନ ବଢ଼ିବାରେ ଲାଗିଛି । ସମଗ୍ର ଭାରତବର୍ଷରେ ଅଧିକମାତ୍ରାରେ ବଜ୍ରପାତ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳୁଛି ବୋଲି ଗବେଷକମାନେ ମତପୋଷଣ କରିଛନ୍ତି । ଏହି ସଂକ୍ରାନ୍ତରେ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବଜ୍ରପାତ ଜନିତ ମୃତ୍ୟୁର କାରଣ ଓ ନିରାକରଣ ସମ୍ପର୍କରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ରାଂଚିର ସି.ଆର.ଓ.ଏସ.ପି.ୱାଇର ମିଳିତ ସହଯୋଗରେ ଅନୁଷ୍ଠିତ ଏଇ କର୍ମାଶାଳାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ମୟୂରଭଂଜର ସମସ୍ତ ବ୍ଲକସ୍ତରୀୟ ମହାବିଦ୍ୟାଳୟ ମାନଙ୍କୁ ନେଇ ଯୋଜନାବଦ୍ଧ ଭାବରେ ଏହି ସଚେତନତା କାର୍ଯ୍ୟକ୍ରମ ଆଗକୁ କରାଯିବ ବୋଲି ସେ ସମସ୍ତଙ୍କୁ ଅବଗତ କରାଇଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟ କୁଳସଚିବ ସହଦେବ ସମାଧିଆ ସ୍ୱାଗତ ଭାଷଣ ଦେଇଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ନିହାର ରଂଜନ ରାଉତ ସମ୍ମାନିତ ବକ୍ତା ଭାବରେ ଯୋଗଦାନ କରି ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଦୁଇହଜାର ଲୋକ ମୃତ୍ୟୁବରଣ କରୁଛନ୍ତି ଏବଂ ଏହାର ୭୦ ଭାଗ ମୃତ୍ୟୁ ବଜ୍ରପାତ ଜନିତ ବୋଲି କହିଥିଲେ । ଅନ୍ୟତମ ବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର ନିଜର ବକ୍ତବ୍ୟରେ ଓଡ଼ିଶାରେ ବଜ୍ରାଘାତରେ ମୃତ୍ୟୁସଂଖ୍ୟା ଅଧିକ ହେଲାବେଳେ ମୟୂରଭଂଜର ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବଜ୍ରପାତ ହେଉଛି ବୋଲି କହିଥିଲେ । ବଜ୍ରପାତ ସମୟରେ ଘରେ ରହିବା, ଗଛମୂଳେ ନରହିବା, ମୋବାଇଲ ବ୍ୟବହାର ନକରିବା, ଲୁହାଦ୍ରବ୍ୟଠାରୁ ଦୂରରେ ରହିବା, କାଠ ଖଟରେ ବସି ରହିବା ଭଳି ନିରାକରଣ ସତର୍କତା ମୂଳକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ରାଂଚିର ସି.ଆର.ଓ.ଏସ୍.ପି.ୱାଇ ର ଅଧ୍ୟକ୍ଷ କର୍ଣ୍ଣେଲ୍ ସଂଜୟ ଶ୍ରୀବାସ୍ତବ ବିଜୁଳିକୁ ଭଗବାନକୁ ଏକ ବରଦାନ ବୋଲି କହିଥିଲେ । ବିଜୁଳିଦ୍ୱାରା ଯବକ୍ଷାରଜାନ ସହଜରେ ମାଟିରେ ମିଶି ମାଟିର ଉର୍ବରତା ବଢ଼ାଇଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୟୂରଭଂଜରେ ଅଧିକ ବଜ୍ରପାତ ହୁଏ ବୋଲି ସେ କହିଥିଲେ । ସେହିପରି ଦିଲ୍ଲୀ ଆଇ.ଏମ.ଡି. ର ଗବେଷକ ସୋମା ସିଂ ରାୟ ଓ ଭୁବନେଶ୍ୱର ପାଣିପାଗ ବିଭାଗର ଉମାଶଙ୍କର ଦାସ ଆଭାଷୀ ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥିଲେ । ବାରିପଦା ପୌର ପରିଷଦର ଉପନଗରପାଳ ସୀମା ଦାସ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ ଏହି କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ମତ ରଖିଥିଲେ । ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟ ବିଭାଗର ସହକାରୀ ପ୍ରଫେସର ଶୁଭେନ୍ଦୁ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ସି.ଆର.ଓ.ଏସ.ପି.ୱାଇର ରାଜ୍ୟ ସଂଯୋଜକ କନିକା ବୋଷ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଧର୍ମପରାୟଣା କସ୍ତୁରୀରାଣୀଙ୍କ ସ୍ମୃତିଚାରଣ ସଭା

ଜଳେଶ୍ୱର, ୨୧/୪(ନି.ପ୍ର) : ଜଳେଶ୍ୱର ଷ୍ଟେସନ ବଜାର ମିଲ କଲୋନୀ ନିବାସୀ ତଥା ପ୍ରାକ୍ତନ ଅଧ୍ୟକ୍ଷ ଗୌରୀଶଂକର ଜେନାଙ୍କ ସହଧର୍ମିଣୀ କସ୍ତୁରୀରାଣୀ ଜେନାଙ୍କର ୭୬ବର୍ଷ ବୟସରେ ଏପ୍ରିଲ ୭ ତାରିଖ ଦିନ ପରଲୋକ ଘଟିଥିଲା । ଗତ ଗୁରୁବାର ତାଙ୍କ ବାସଭବନ ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଠାକୁ ଅନୁକୂଳଚନ୍ଦ୍ରଙ୍କର ଏକ ସତ୍‌ସଂଗ ଅଧିବେଶନ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । ଏଥିରେ ବହୁ ଅଧର୍ଯ୍ୟୁ, ଯାଜକ, ସହପ୍ରତିରିତିକ ଓ ଗୁରୁଭାଇ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଅବସରପ୍ରାପ୍ତ ବିଇଓ ବନବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ ଶଶୀକାନ୍ତ ପ୍ରଧାନ, ଗଣେଶ ପାଳ, ବିମଳ ଜେନା, ହରେକୃଷ୍ଣ ଗିରି, ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ପାତ୍ର, କାଉନ୍‌ସିଲର ସ୍ୱାଗତିକା ପାଳ, ବରିଷ୍ଠ ନେତା ଅରୁଣ ବେଜ, ଭାସ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ କସ୍ତୁରୀଦେବିଙ୍କ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଆଧ୍ୟାତ୍ମିକ ଚିନ୍ତା ଚେତନା ଓ ସର୍ବୋପରି ଜଣେ ସୁଗୃହିଣୀଭାବେ ତାଙ୍କ ଅବିହିତ କରିଥିଲେ । ସେ ଜଣେ ଜୀବନବ୍ୟାପୀ ଅନୁକୂଳ ଧର୍ମରେ ଦିକ୍ଷିତ ହୋଇ ନିଷ୍ଠାର ସହିତ କର୍ତ୍ତବ୍ୟପାଳନ କରୁଥିବାରୁ ତାଙ୍କ ସ୍ମୃତିଚାରଣ ଓ ଧର୍ମ ସଭାରେ ବହୁ ଅନୁକୂଳ ଧର୍ମାବଲମ୍ବୀ ଯୋଗ ଦେଇଥିଲେ ।

## ତ୍ରିଲୋଚନ କାନୁନଗୋଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କଲେ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ସାଂସଦ ତ୍ରିଲୋଚନ କାନୁନଗୋଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଓଡ଼ିଶାର ବରିଷ୍ଠ ନେତା, ପୂର୍ବତନ ସାଂସଦ ତ୍ରିଲୋଚନ କାନୁନଗୋଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ ।ଜନସାଧାରଣଙ୍କ ପାଇଁ ତାଙ୍କର ଜନକଲ୍ୟାଣ କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇରହିବ । ଅର୍ଥନୀତିଜ୍ଞ ଭାବେ ମଧ ତାଙ୍କର ବିଶେଷ ପରିଚୟ ଥିଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

## ବିପଦପୂର୍ଣ୍ଣ ପୋଲରେ ଚାଲୁଛନ୍ତି ଲୋକେ



ଲଙ୍ଗଳେଶ୍ୱର, ୨୧/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତ ର କାଳ ସିମୁଳି ଗ୍ରାମ ଦ୍ୱାରିକା ହାଟ ଠାରୁ ବୋଲଙ୍ଗ ପଞ୍ଚାୟତ ର ମହାନ୍ତି ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ହଂସକରା ନଦୀ ଉପରେ ଗୋଲା ଭେଟିଆ ଠାରେ ଥିବା ପୋଲଟି ଦୁର୍ବଳ ହୋଇ ଦବି ଯିବା ଦ୍ୱାରା ଯାତାୟାତ ରେ ବହୁ ଅସୁବିଧା ଦେଖାଯାଇଛି ।ପୋଲ ଦବିଯିବା ଯୋଗୁଁ ବାଉଁଶ ଦ୍ୱାରା ମରାମତି କରି ଲୋକ ଯିବା ଆସିବା କରୁଛନ୍ତି। ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ହୋଇଛି ।ବର୍ଷ ବିଭିନ୍ନ ସମୟରେ ସାଇକେଲ ଓ ବାଇକ ନଦୀରେ ଖସିପଡିଥିବାର ଅଭିଯୋଗ ହୋଇଛି ।ପିଲର ଗୁଡିକରୁ ମାଟି ଧୋଇଯିବା ଯୋଗୁଁ ଏଭଳି ପରିସ୍ଥିତି ଦେଖାଯାଇଛି । ତଥାପି ବିକଳ୍ପ ନ ଥିବାରୁ ଲୋକେ ସେଇ ବିପଦ ସଂକୁଳ ପୋଲରେ ଯାତାୟାତ କରିବାକୁ ବାଧ ହୁଅନ୍ତି। ଗତ ୨୦୦୦ମସିହାରେ ଡି ଆର ଡି ଏ ଅର୍ଥରୁ ଏହି ପୋଲ ନିର୍ମାଣ କରାଯାଇଥିଲା। ଏଠାରେ ପ୍ରକାଶ ଥାଉ କି ଏଇ ରାସ୍ତା ପୋଲ ଉପରେ ପଞ୍ଚୁପାଲି ବ୍ୟତୀତ ଜମ୍ପୀରାଇ, ନୂଆଗାଁ, ବୋଲଙ୍ଗ, ସାଉଡି ଇତ୍ୟାଦି ପଞ୍ଚାୟତର ହଜାର ଲୋକ ନିର୍ଭର କରନ୍ତି ।ତେଣୁ ଖୁବଶୀଘ୍ର ଏଇ ପୋଲ ନିର୍ମାଣ କରିବାକୁ ସାଧରଣରେ ଦାବି ହେଉଛି।

## ଔପଦା ବ୍ଲକକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ



ଔପଦା ବ୍ଲକକୁ ଏହି ଉନ୍ନୟନ ପରିଷଦରେ ସାମିଲ ପାଇଁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର

ନୀଳଗିରି, ୨୧/୦୪ (ନି.ପ୍ର): ଓଡ଼ିଶା ସରକାର ଆଦିବାସୀ, ହରିଜନ ଓ ପଛୁଆବର୍ଗଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ୨୦୧୯ ମସିହାରେ ଏକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ସେମାନଙ୍କର ଭାଷା, ସଂସ୍କୃତି, ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଚେଷ୍ଟିତ ଅଛନ୍ତି । ଏ ନେଇ ଏବେ ଓଡ଼ିଶା ସରକାର ୧୫୪ଟି ବ୍ଲକକୁ ଏହି ଉନ୍ନୟନ ପରିଷଦରେ ସାମିଲ କରିବା ପାଇଁ ଆଗଭର ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓ ଜଳେଶ୍ୱର ବ୍ଲକକୁ ଅଗ୍ରାଧିକାର ଭିତିରେ ସାମିଲି କରିଛି । ଜିଲ୍ଲାର ଔପଦା ବ୍ଲକକୁ ଏହି ଉନ୍ନୟନ ପରିଷଦରେ ସାମିଲ ପାଇଁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶୁକ୍ରବାର ୨୧ ତାରିଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଯାଇଛି । ୨୦୧୧ ମସିହା ଜନଗଣନା ଅନୁଯାଇ ଔପଦା ବ୍ଲକର ୧୧ଗୋଟି ପଂଚାୟତରେ ୧୬୫୩୬ଜଣ ଏହି ଆଦିବାସୀ ସଂପ୍ରଦାୟର ଲୋକ ବାସ କରୁଥିବା ବେଳେ ସେମାନଙ୍କୁ ଏହି ପରିଷଦରେ ସାମିଲ କଲେ ସେମାନଙ୍କର ଭାଷା, ସଂସ୍କୃତି, ପରମ୍ପରା ବଜାୟ ରହିବା ସହିତ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିପାରିବ ବୋଲି ଏହି ଚିଠିରେ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ସେଲ ଆରଏସପି ସିଏସଆର ଦ୍ୱାରା ପ୍ରତ୍ୟକ୍ଷ ପ୍ରଭାବ ଜୋନ୍‌ର ୩୨ ଜଣ ଯୁବକଯୁବତୀ ଆଜୀବିକା ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଯୋଜିତ




ରାଉରକେଲା, ୨୧/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର୍ ଡାଇରେକ୍ଟ ଇମ୍ପାକ୍ଟ ଜୋନ୍ ର ୩୨ ଜଣ ଯୁବକଯୁବତୀ ଆଜୀବିକା ବ୍ୟବସାୟ କେନ୍ଦ୍ର, ସେକ୍ଟର-୧୫ରେ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ଏବଂ ଆସିଷ୍ଟାଣ୍ଟ ବିୟୁଟିସିଆନ୍ ପାଠ୍ୟକ୍ରମ ପାଇଁ ପ୍ରାୟୋଜିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଆରଏସପି ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଅଜୟ କୁମାର ନାୟକ ଓ ସିଏସଆର ବିଭାଗର ଜିଏମ, ସୁଶ୍ରୀ ମୁନମୁନ ମିତ୍ରା ଉପସ୍ଥିତ ଥିଲେ। ଏହି କେନ୍ଦ୍ର ଭାରତ ସରକାରଙ୍କ ଉପକ୍ରମ ଏନଏସଆଇସି ଅଧୀନରେ କାର୍ଯ୍ୟ କରୁଛି ଏବଂ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଏକ ମିନି ରତ୍ନ ସରକାରୀ ଏଜେନ୍ସି ଅଟେ । ପ୍ରତ୍ୟେକ ପାଠ୍ୟକ୍ରମ ପଚାଶ କାର୍ଯ୍ୟଦିବସ ସହିତ ଦୁଇ ମାସର ଅବଧି ବିଶିଷ୍ଟ ଅଟେ। ଆସିଷ୍ଟାଣ୍ଟ ବିଉଟିସିଆନ୍ ଟ୍ରେଡ କେବଳ ମହିଳା ଏବଂ ଝିଅ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଏହା ଏକ ସ୍ୱତନ୍ତ୍ର ପାଇଲଟ୍ ପଦକ୍ଷେପ ଯେଉଁଥିରେ ଏନଏସଆଇସି ଆରଏସପି ଦ୍ୱାରା ଚିହ୍ନଟ ସାମାଜିକ-ଅର୍ଥନୈତିକ ଅନଗ୍ରସର ପ୍ରାର୍ଥୀଙ୍କୁ ବିଶେଷ ଭାବରେ ହିତାଧିକାରୀ ରୂପେ ତାଲିମ ଦେବା ପାଇଁ ତା'ର ତାଲିମ ସୁବିଧା ଉପଲବ୍ଧ କରାଉଛି। ଏହି ଧନ୍ଦାମୂଳକ ତାଲିମ ପାଇଁ ମୋଟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଉଲ୍ଲେଖଯୋଗ୍ୟ ଯେ, ଏନଏସଆଇସି ଅଧୀନରେ ଥିବା ଆଜୀବିକା ବ୍ୟବସାୟ ଇନକ୍ୟୁବେସନ ସେଣ୍ଟର, ରାଉରକେଲା ସ୍ଥାନୀୟ ଆଦିବାସୀ ଯୁବକଯୁବତୀମାନଙ୍କ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଏବଂ କ୍ଷୁଦ୍ର ଉଦ୍ୟୋଗର ଅଭିବୃଦ୍ଧି ପାଇଁ ସେଲ ଆରଏସପିର ସିଏସଆର ବିଭାଗର ସହଯୋଗରେ ୨୦୨୧-୨୧ରେ କାର୍ଯ୍ୟକ୍ଷମ ହୋଇଥିଲା। ଏହି ୟୁନିଟ୍ ବେକେରୀ, ୱେଲଡିଂ, କାଠ କାର୍ଯ୍ୟ, ବୈଦ୍ୟୁତିକ, କମ୍ପ୍ୟୁଟର ହାର୍ଡୱେର୍ ଏବଂ ନେଟୱାର୍କିଂ ଇତ୍ୟାଦିର ବ୍ୟାପକ ପ୍ରଶିକ୍ଷଣ ୟୁନିଟ୍ ସହିତ ସଜ୍ଜିତ ଅଛି। ଉଲ୍ଲେଖଯୋଗ୍ୟ ଯେ, ଏଲବିଆଇର ସାଧାରଣ ବ୍ୟାଚ୍ ଗୁଡିକ ଅନୁସୂଚିତ ଜନଜାତି ପାଇଁ ସମସ୍ତ ଅର୍ଥନୈତିକ ସ୍ତରରୁ ଏନଏସଆଇସି ଦ୍ୱାରା ଚିହ୍ନଟ ଏବଂ ମାଗଣାରେ ତାଲିମ ପ୍ରାପ୍ତ ହେଉଛନ୍ତି।

## ଦୁବୁଲାଗଡ଼ି ଗାଁରେ ମହିଳାଙ୍କ ଅପମୃତ୍ୟୁ

ବସ୍ତା, ୨୧/୦୪ (ନି.ପ୍ର): ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଦୁବୁଲାଗଡ଼ି ଗାଁରେ ଜନୈକା ମହିଳାଙ୍କ ଅପମୃତ୍ୟୁ ଘଟିଛି ।ସୂଚନାରୁ ପ୍ରକାଶ ଯେ ଏହି ଗାଁର ରମାକାନ୍ତ ସିଂଙ୍କ ସ୍ତ୍ରୀ ପ୍ରମିଳା(୩୫ବର୍ଷ) ଏପିଲେପ୍ସି ରୋଗରେ ଆକ୍ରାନ୍ତ ଥିଲେ ।ଗୁରୁବାର ରାତିରେ ସ୍ୱାମୀ ସ୍ତ୍ରୀ ଖାଇ ପିଇ ଶୋଇଥିଲେ ।ମାତ୍ର ଶୁକ୍ରବାର ସକାଳେ ସ୍ତ୍ରୀ ମୃତ ଦେଖି ରମାକାନ୍ତ ପୁଲିସ କୁ ଜଣାଇଥିଲେ ।ସାମୁଦ୍ରିକ ଥାନା ଅଧିକାରୀ ଶଚିଦାନନ୍ଦ ଗିରି ଘଟଣାର ତଦନ୍ତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିବା ଜଣାଯାଇଛି ।

## ଓଭରଲୋଡ ବାଲି ବୋଝେଇ ଗାଡ଼ିକୁ ଜବତ କଲା ନୀଳଗିରି ତହସିଲଦାର

ନୀଳଗିରି, ୨୧/୦୪ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ଥିବା ଅନେକ ବାଲି ସୈରାତ ବନ୍ଦ ଥିବା ବେଳେ ଲୋକମାନଙ୍କର ଚାହିଦାକୁ ପୂରଣ କରିବା ପାଇଁ ଏବେ କିଛି ବାଲି ମାଫିଆ ଓ ଟ୍ରକ ମାଲିକମାନେ ବାହାର ଜିଲ୍ଲାରୁ ବାଲି ଚୋରାରେ ଚାଲାଣ କରୁଛନ୍ତି । ଏ ନେଇ ଶୁକ୍ରବାର ଓଡି-୨୨ଟି-୮୮୯୯ ନମ୍ବର ବିଶିଷ୍ଟ ଏକ ଟ୍ରକରେ ଓଭରଲୋଡ କରି ବାଲି ଆଣୁଥିବା ବେଳେ ନୀଳଗିରି ତହସିଲଦାର ଖବର ପାଇ ପଂଚଲିଙ୍ଗେଶ୍ୱର ଛକ ଠାରେ ଗାଡ଼ିଟିକୁ ଜବତ୍ କରି ନିଜ ହେପାଜତକୁ ଆଣିଥିବା ବେଳେ ଗାଡ଼ିଟିକୁ ନୀଳଗିରି ଥାନାରେ ଜିମା ଦେଇଛନ୍ତି । ତହସିଲଦାର ରଂଜନ ବେହେରାଙ୍କର ଏପରି ଚଢ଼ାଉ ଦେଖି ଟ୍ରକମାଲିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

## ଜନ୍ମ ମାଟିକୁ ଆସିବେ ମହାମହିମ ରାଷ୍ଟ୍ରପତି

ବାରିପଦା, ୨୧/୦୪ (ନି.ପ୍ର): ଆସନ୍ତା ମାସରେ ନିଜ ଜନ୍ମ ମାଟି ମୟୁର ଭଂଜ ଜିଲ୍ଲା କୁ ଆସିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମଇ ୯ତାରିଖରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏନେଇ ବିଶ୍ୱ ବିଦ୍ୟାଳୟ କୁଳପତିଙ୍କୁ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ ଚିଠି ଲେଖି ଜଣାଇ ଛନ୍ତି । ତେବେ ରାଷ୍ଟ୍ର ପତି ଙ୍କର ବାରିପଦା ଗସ୍ତ ଖବର ମିଳିବା ପରେ ସାରା ଜିଲ୍ଲାରେ ଖୁସିର ଲହରି ଖେଳି ଯାଇଛି ।

## ଓଡିଶାର ଜବାନ ଦେବାଶିଷ ବିଶ୍ୱାଲଙ୍କ ବଳିଦାନରେ ଦୁଃଖ ବ୍ୟକ୍ତ କଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ଜବାନ ଦେବାଶିଷ ବିଶ୍ୱାଲଙ୍କ ବଳିଦାନରେ ଦୁଃଖ ବ୍ୟକ୍ତ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - "ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଓଡ଼ିଶାର ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଅଂଚଳର ଯବାନ ଦେବାଶିଷ ବିଶ୍ୱାଳ (ସାହିତ୍ୟ)ଙ୍କ ସମେତ ଯବାନମାନେ ଶହୀଦ ହୋଇଥିବା ଖବର ଶୁଣି ମୁଁ ଦୁଃଖିତ ଏବଂ ଗଭୀର ଭାବରେ ମର୍ମାହତ । ଏହି ବୀର ଯବାନ ମାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ । ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ । ଓଁ ଶାନ୍ତି "

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଶାନ୍ତି ପାଇଁ ସମ୍ବଲପୁରରେ....

ସହରରେ ଥିବା ଇଦଗାହରେ ସାମୂହିକ ନମାଜ ପାଠକୁ ବି ବାରଣ କରାଯାଇଛି । ଇଦ୍ ସମୟରେ କୌଣସି ବିଶୃଙ୍ଖଳା ସୃଷ୍ଟିରୁ ବିରତ ରହିବାକୁ ଚେତାବନୀ ଦେଇଛି ପ୍ରଶାସନ । ସ୍ଥିତି ସୁଧୁରୁଥିବାରୁ ସମ୍ବଲପୁର ସହରରେ କର୍ଫ୍ୟୁକୁ ଆହୁରି କୋହଳ କରାଯାଇଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ୧୨ ଘଣ୍ଟା ପାଇଁ କର୍ଫ୍ୟୁ କୋହଳ କରାଯାଇଛି । ଏହି ସମୟ ମଧ୍ୟରେ ଲୋକେ ନିଜର ଅତ୍ୟାବଶ୍ୟକ ସାମଗ୍ରୀ କଣିପାରିବେ । ଇଣ୍ଟରନେଟ ବ୍ୟବହାର ନେଇ ମଧ ସମ୍ବଲପୁରବାସୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି । ସହରରେ ୨୪ଘଣ୍ଟିଆ ବ୍ରଡବ୍ୟାଣ୍ଡ ଓ ଲିଜ୍ ଲାଇନ ସେବା ଉପଲବ୍ଧ କରାଯାଇଛି । ତେବେ ଏହି ସେବା ବ୍ୟବହାରକାରୀ ଇଣ୍ଟରନେଟ ସେବା ପାଇପାରିବେ । କିନ୍ତୁ ଶନିବାର ସକାଳ ୧୦ଟା ଯାଏଁ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ ରହିଛି ।

### ପୂର୍ବତନ ସାଂସଦ ତ୍ରିଲୋଚନ....

ହାସଲ କରିଥିଲେ। ତ୍ରିଲୋଚନ କାନୁନଗୋ ୧୯୪୦ ମସିହା ନଭେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ କଟକର ଶେଖ ବଜାରରେ ଗତ କିଛି ବର୍ଷ ହେବ ରହି ଆସୁଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମାନ୍ୟଗଣ୍ୟ ଲୋକ ମାନେ ଶୋକ ପ୍ରକାଶ କରିଛନ୍ତି ।

## ଶ୍ରୀମନ୍ଦିର ଫାଇଲ ଚୋରି ସଂକ୍ରାନ୍ତରେ କ୍ୟାପିଟାଲ ଥାନାରେ ଏଫଆଇଆର ଦେଲା ବିଜେପି

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଶ୍ରୀମନ୍ଦିରରେ ପ୍ରଥମେ ରତ୍ନଭଣ୍ଡାର ଚାବି ହଜିଯାଇଥିଲା ଏବେ ଓଡ଼ିଶା ସରକାରଙ୍କ ଲୋକସେବା ଭବନ ପରିସରରେ ଆଇନ ବିଭାଗରୁ ଶ୍ରୀଜଗନ୍ନାଥ ପ୍ରଶାସନ ସଂକ୍ରାନ୍ତୀୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି ହଜିଯାଇଛି । ବାସ୍ତବରେ ସେ ଫାଇଲ ହଜିନାହିଁ ବଂର ରାଜ୍ୟ ସରକାର ନିଜେ ସେହି ଫାଇଲକୁ ନଷ୍ଟ କରିବାର ଷଡଯନ୍ତ୍ର କରିଛନ୍ତି । ରାଜ୍ୟ ସରକାରଙ୍କ ଜାଣିଶୁଣି ଏଭଳି ପରିସ୍ଥିତି ବାରମ୍ବାର ଘଟାଉଛନ୍ତି। ଆଇନ ବିଭାଗର ଫାଇଲ ଜେଟିଏ୫୫ ଅଫ ୨୦୦୬ ଓ ଜେଟି୦୬ ଅଫ ୨୦୧୪ ନିଖୋଜ ହୋଇଥିବା ଦର୍ଶାଇ ଖୋଜିବାର ଅପଚେଷ୍ଟା କରିଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗର ଚିଠି ସଂଖ୍ୟା ୮୨୧୦ ଗତ ୧୮ରେ ସଂଲଗ୍ନ ହୋଇଛି। ଏହି ଫାଇଲରେ ବିଭିନ୍ନ କୋର୍ଟ, ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାର କାର୍ଯ୍ୟକାରିତା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି। ରାଜ୍ୟ ସରକାର ଉକ୍ତ ଫାଇଲକୁ ଗାଏବ କରି ହଜିଯାଇଥିବା ଦର୍ଶାଇ ତାକୁ ଖୋଜିବା ପାଇଁ ବୃଥା ଅପଚେଷ୍ଟା କରୁଛନ୍ତି। ଏନେଇ ଭାରତୀୟ ଜନତା ପାର୍ଟି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରିଛନ୍ତି। ସୂଚନାଥାଉ କି, ରାଜ୍ୟ ସରକାର ଆଇନ ବିଭାଗର ଅଫିସରଙ୍କୁ ହାତ କରି ଶ୍ରୀଜଗନ୍ନାଥ ପ୍ରଶାସନର ତଥ୍ୟକୁ ଲୋକ ଲୋଚନରୁ ଦୂରେଇ ରଖିବା ସହ ଚୋରୀ ହୋଇ ଯାଉଛି ବୋଲି ଅପପ୍ରଚାର କରୁଛନ୍ତି। ରାଜ୍ୟ ସରକାର ଡ୍ରାମା ନକରି ତୁରନ୍ତ ସ୍ପଷ୍ଟ କରନ୍ତୁ ସେହି ହଜିଥିବା ଫାଇଲରେ କଣ ଥିଲା। ଜଗତର ନାଥ, କୋଟି କୋଟି ହିନ୍ଦୁମାନଙ୍କର ଆରାଧ୍ୟ ଠାକୁର, ଓଡିଶାବାସୀଙ୍କର ବିଶ୍ୱାସର ପ୍ରାଣକେନ୍ଦ୍ର ମହାପ୍ରଭୁ ଜଗନ୍ନାଥଙ୍କର ଫାଇଲବି ଏଠି ସୁରକ୍ଷିତ ନାହିଁ। ଏହି ସରକାର ବାରମ୍ବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଅନ୍ୟାୟ କରୁଛନ୍ତି, ଭକ୍ତଙ୍କ ଭାବାବେଗ ସହିତ ଖେଳ ଖେଳୁଛନ୍ତି। ଓଡ଼ିଶା ସରକାରଙ୍କ ହୀନଚକ୍ରାନ୍ତକୁ ଅନୁସନ୍ଧାନ କରିବାର ଆବଶ୍ୟକତା ଅଛି। ଜଗନ୍ନାଥଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ଭାରତୀୟ ଜନତା ପାର୍ଟି ଓଡ଼ିଶା ଶାଖା ମର୍ମାହତ ଅଛନ୍ତି। ଏନେଇ ହୀନ ଚକ୍ରାନ୍ତ କରିଥିବା ଓ ଫାଇଲ ଚୋରି କରିଥିବା ବ୍ୟକ୍ତିବିଶେଷ ଓ ଅଧିକାରୀମାନଙ୍କୁ ଅନୁସନ୍ଧାନ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ଲଳିଟେନ୍ଦୁ ବିଦ୍ୟାଧର ମହାପାତ୍ର ଦାବି କରିଛନ୍ତି। ଏହି ଅବସରରେ ବିଧାୟକ ଡା.ବୁଧାନ ମୁର୍ମୁ, କେ.ନାରାୟଣ ରାଓ, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ମନୋଜ ମହାପାତ୍ର ଓ ଲିଗାଲ୍ ସେଲ୍ ଅଧ୍ୟକ୍ଷ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଷ୍ମଛୁଟି ଘୋଷଣାକୁ ନେଇ ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ କୃତଜ୍ଞତା

ବାଲେଶ୍ୱର, ୨୧/୦୪ (ନି.ପ୍ର): ଦୀର୍ଘବର୍ଷ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଙ୍ଗନବାଡ଼ି ପାଇଁ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରାଯିବାକୁ ନେଇ କର୍ମୀ ଓ ସହାୟିକାଙ୍କ ମଧ୍ୟରେ ଖୁସୀରଲହରି ଖେଳି ଯାଇଛି। ଏନେଇ 'ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସାମୁଖ୍ୟ' ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସାମ୍ମୁଖ୍ୟର ଜିଲା ସଭାପତି ବନଜା ଦାସ ଓ ସମ୍ପାଦିକା ଗୌରୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ କୃତଜ୍ଞତା ପତ୍ର ପ୍ରଦାନ କରିଛନ୍ତି । କୃତଜ୍ଞତା ପତ୍ର ପ୍ରଦାନ ବେଳେ ସଭାପତି ଓ ସମ୍ପାଦିକାଙ୍କ ସମେତ କବିତା ମହାନ୍ତି, ଅନସୂୟା ଦଳେଇ, ବିମଳା ବେହେରା, ଗୌରୀମଣି ମହାପାତ୍ର, ମିତାରାଣୀ ରାଜ, ଜ୍ୟୋତ୍ସ୍ନାରାଣୀ ପାତ୍ର, ପଦ୍ମାବତୀ ଦାସ, ଅହଲ୍ୟା ସେଠୀ ଓ ଜୟନ୍ତୀ ଦାସ ପ୍ରମୁକ ଉପସ୍ଥିତ ଥିଲେ।

## ଓଭରଲୋଡ ବାଲି ବୋଝେଇ ଗାଡ଼ିକୁ ଜବତ କଲା ନୀଳଗିରି ତହସିଲଦାର

ନୀଳଗିରି, ୨୧/୦୪ (ନି.ପ୍ର): ନୀଳଗିରି ତହସିଲ ଅଧିନରେ ଥିବା ଅନେକ ବାଲି ସୈରାତ ବନ୍ଦ ଥିବା ବେଳେ ଲୋକମାନଙ୍କର ଚାହିଦାକୁ ପୂରଣ କରିବା ପାଇଁ ଏବେ କିଛି ବାଲି ମାଫିଆ ଓ ଟ୍ରକ ମାଲିକମାନେ ବାହାର ଜିଲ୍ଲାରୁ ବାଲି ଚୋରାରେ ଚାଲାଣ କରୁଛନ୍ତି । ଏ ନେଇ ଶୁକ୍ରବାର ଓଡି-୨୨ଟି-୮୮୯୯ ନମ୍ବର ବିଶିଷ୍ଟ ଏକ ଟ୍ରକରେ ଓଭରଲୋଡ କରି ବାଲି ଆଣୁଥିବା ବେଳେ ନୀଳଗିରି ତହସିଲଦାର ଖବର ପାଇ ପଂଚଲିଙ୍ଗେଶ୍ୱର ଛକ ଠାରେ ଗାଡ଼ିଟିକୁ ଜବତ୍ କରି ନିଜ ହେପାଜତକୁ ଆଣିଥିବା ବେଳେ ଗାଡ଼ିଟିକୁ ନୀଳଗିରି ଥାନାରେ ଜିମା ଦେଇଛନ୍ତି । ତହସିଲଦାର ରଂଜନ ବେହେରାଙ୍କର ଏପରି ଚଢ଼ାଉ ଦେଖି ଟ୍ରକମାଲିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

## 'ପ୍ରତିରକ୍ଷା ମଜଦୁର ସଂଘ'ର ନୂତନ ଅଫିସ ଗୃହ ଉଦ୍‌ଘାଟିତ

ବାଲେଶ୍ୱର, ୨୧/୦୪ (ନି.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ 'ଆଇଏନଟିୟୁସି' ଅନୁବନ୍ଧିତ 'ପ୍ରତିରକ୍ଷା ମଜଦୁର ସଂଘ'ର ନୂତନ ଅଫିସ ଗୃହ ଚାନ୍ଦିପୁରଠାରେ ଉଦଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ ପଣ୍ଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଅଫିସ ଗୃହକୁ ଉଦଘାଟନ କରିଥିଲେ। ନିଜର ହକ ଆଦାୟ ପାଇଁ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନେ ସଂଗଠିତ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ପ୍ରତ ଦେଶର ସ୍ଥିତି ବିପଦମୁଖୀ ହୋଇ ଚାଲିଥିବା ବେଳେ ସମସ୍ତେ ଏକଜୁଟ ହେବା ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ପଣ୍ଡା ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ସଂଘର ସଭାପତି ନିରଂଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ-ସଭାପତି ସଂଜୟ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଦୀପ ମାଇତି, ସହ-ସମ୍ପାଦକ ଉତ୍ତମ କୁମାର ମାଇତି ପ୍ରମୁଖ ସଭା ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ହୋତା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-I
AT/PO- PADHUANPADA , BALASORE

CONTACT NO :- 06782262045
E Mail ID :- ee_blsrb@yahoo.co.in

BID INVITATION NO. SE (R and B) BLS-Divn-1- 01 / 2023-24
Letter No 3515 Date 17.04.2023

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 7 Nos |
| 3 | Nature of work : | : | Road & Building works of Balasore (R&B)Division-I |
| 4 | Class of Contractor : | : | "D", "C" & "B" Class Contractor |
| 5 | Approx. value of work | : | Rs. 8.09 Lakh & 31.86 Lakh |
| 6 | Tender Cost. : . | : | Rs. 4000/-, & 6000/- |
| 7 | Availability of Bid Documents in the website : | : | **From 10.00 Hours of dt. 24.04.2023 to 16:00 hours of dt. 03.05.2023** |
| 8 | Date of Opening of Bid : | : | Dt. **04.05.2023** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

**Superintending Engineer**
**Balasore (R&B) Division-I**

**OIPR : 34157/11/0002/2324**

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ଜମାଳପୁରର ସୁବର୍ଣ୍ଣରେଖା ନଦୀଘାଟ ପ୍ରଦୂଷିତ

ଜଳେଶ୍ୱର, ୨୧/୦୪ (ନି.ପ୍ର): ସୁବର୍ଣ୍ଣରେଖା ନଦୀକୂଳ ଜମାଳପୁରର ବାଲି ଘାଟରେ ଶେଷ ହୋଇଛି ଦୁଇଦିନ ବ୍ୟାପି ପଣା ସଂକ୍ରାନ୍ତି ମେଳା । ପ୍ରାୟ ୪୦ ହଜାର ପରିବାର ଦିନ ତମାମ ନଦୀକୂଳରେ ପୂର୍ବପୁରଷଙ୍କୁ ତିଳତର୍ପଣ ଓ ପିଣ୍ଡଦାନ ଦେଇଥିଲେ । ଜଳେଶ୍ୱର ଓ ବସ୍ତାର ମିଳନସ୍ଥଳ ଏହି ବାଲି ପଡିଆରେ ଦୀର୍ଘ ୨ ଦିନ ଧରି ମେଳା ଲାଗିଥିବା ବେଳେ ଏଥିବା ପ୍ରାୟ ୧ ହଜାରରୁ ଅଧିକ ଦୋକାନ ଓ ବ୍ୟବସାୟ କେନ୍ଦ୍ର ପସରା ମେଲାଇଥିଲା । କିନ୍ତୁ ଏବେ ମେଳା ଶେଷ ହୋଇଥିଲେ ମଧ୍ୟ ବିଭିନ୍ନ ବର୍ଯ୍ୟବସ୍ତୁ ବିଶେଷ କରି ପଲିଥିନ, ଥର୍ମକୁଲ, କାଚ ବୋତଲ, ଚିଣ୍ଡା କନା, ବୁରା, ପଚାଶଢା ଖାଦ୍ୟ, ଲୁହା କଣ୍ଟା, ରାସାୟନୀକ ଦ୍ରବ୍ୟ ପଡି ରହିଛି । କିନ୍ତୁ ଏ ଗୁଡିକ ଦ୍ୱାରା ପରିବେଶ ପ୍ରଦୋଶିତ ହେଉଥିବାରୁ ଏହାର ପରିସ୍କାର ପରିଛନ୍ନତା ନେଇ ଉଠିଛି ପ୍ରଶ୍ନ । ବୈଶାଖମାସ ପଣା ସଂକ୍ରାନ୍ତି ପ୍ରତ୍ୟେକ ହିନ୍ଦୁଙ୍କ ଏକ ପବିତ୍ର ଦିନ । ପ୍ରତ୍ୟେକ ପରିବାରର ଜଣେ ଏଠାକାର ନଦୀକୂଳକୁ ଯାଇ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ ଦେଇଥାନ୍ତି । ଚଳିତବର୍ଷ ମଧ୍ୟ ଗତ ୧୪ ତାରିଖ ଦିନବ୍ୟାପି ପିଣ୍ଡଦାନ ଦିଆଯାଇଛି । କିନ୍ତୁ ଏଥିରେ ବ୍ୟବହୃତ କଦଳିପତ୍ର, ଦୁବ ଓ ଆମ୍ବପତ୍ର, ତିଳ, ଫୁଲ, ଚାଉଳ, କିଛି ନଦୀରେ ଭାଇସାଇଥିବା ବେଳେ ଅନ୍ୟ କେତେକ ନଦୀପଠାରେ ପଡି ରହିଛି । ଅନ୍ୟପକ୍ଷରେ ସେଠାରେ ଏକ ବିରାଟ ମେଳା ପ୍ରତିବର୍ଷ ପରି ଚଳିତବର୍ଷ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଅଂଚଳରୁ ବ୍ୟବସାୟୀମାନେ ସେଠାରେ ପସରା ମେଲାଇ ବ୍ୟବସାୟ କରିଛନ୍ତି । ୧୬ ତାରିଖ ସଂଧ୍ୟା ସୁଦ୍ଧା ବ୍ୟବସାୟୀମାନେ ଫେରିଯାଇଥିଲେ ମଧ୍ୟ ସେମାନେ ଛାଡିଯାଇଥିବା ବସ୍ତୁ, ପଦାର୍ଥ ପଡି ପଚୁଛି । ବହୁ ଖାଦ୍ୟପଦାର୍ଥ ଓ ଥର୍ମକୁଲ ବାଟି ଥାଳିଆରୁ ମଧ୍ୟ ଦୁର୍ଗନ୍ଧ ଯୋଗୁଁ ଲୋକେ ନଦୀ ପାରି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି । ଏହି ଘାଟରେ ଲୋକମାନେ ସ୍ନାନ କରିବା ସହିତ ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ତାଙ୍କଲାଗି ଦୂରୂହ ବ୍ୟାପର ହୋଇଛି । ଆଜି କେତେକ ଯୁବକ ଏ ସଂପର୍କରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରୁ ତାହା ସମସ୍ତଙ୍କ ନଜରକୁ ଆସିଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ସପ୍ତାହ - ୨୦୨୩ ପାଳିତ

ଭଦ୍ରକ, ୨୧/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କ ସାଧାରଣ ବିବିଧ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ୍ରମେ ଓଡ଼ିଆ ସପ୍ତାହ ପାଳନ ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ଓଡ଼ିଆ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସହକାରୀ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅନୂପ କୁମାର ବେହେରା ଏବଂ ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ ବିଚାରକ ଭାବେ



ଦାୟିତ୍ୱ ନିର୍ବାହ କରିଥିଲେ । "ଆମ ଭାଷା ଆମ ପରିଚୟ" ଶୀର୍ଷକ ବିଷୟ ଉପରେ ପ୍ରତିଯୋଗୀମାନଙ୍କର ବକ୍ତବ୍ୟ ବେଶ ପ୍ରଭାବଶାଳୀ ଥିଲା । ପ୍ରତିଯୋଗିତା ଶେଷରେ ଓଡ଼ିଶା ସପ୍ତାହ ପାଳନ ଉପଲକ୍ଷେ ଏକ ଆଲୋଚନା ଚକ୍ର ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାତୃଭାଷା ମା'ର ଭାଷା, ଆମେ ଯେତେ ଉଚ୍ଚ ଶିକ୍ଷିତ ହେଲେ ବି ମାତୃଭାଷାକୁ କେବେ ଭୁଲିପାରିବା ନାହିଁ ବୋଲି ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଚାରକ ଦାୟିତ୍ୱ ନିଭାଇଥିଲେ ଶ୍ରୀଯୁକ୍ତ ମଣ୍ଡଳ, ଶ୍ରୀଯୁକ୍ତ ସ୍ୱାଇଁ ଏବଂ ଶ୍ରୀଯୁକ୍ତ ବେହେରା ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ୧ମ ସ୍ଥାନ ନେଇଥିଲେ ନିଖିଲେଶ ଦତ୍ତ, ୨ୟ ହେଲେ ଶ୍ୟାମ ସୁନ୍ଦର ଜେନା, ୩ୟ ହେଲେ ହେମନ୍ତ କୁମାର ପ୍ରଧାନ । ସୂଚନାଯୋଗ୍ୟକି ଏପ୍ରିଲ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତିବର୍ଷ ଓଡ଼ିଆ ସପ୍ତାହ ପାଳନ କରାଯାଇଥାଏ ।

## ବେତନ ଅସଙ୍ଗତି ଦୂର ଦାବିରେ ଅମଲା ମିଳିତ ମଞ୍ଚର ବିକ୍ଷୋଭ

ବାଲେଶ୍ୱର, ୨୧/୦୪ (ନି.ପ୍ର): ବେତନ ଅସଙ୍ଗତି ଦୂର ଦାବିରେ ଅମଲା ମିଳିତ ମଞ୍ଚ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ଅମଲାମାନେ ଗାନ୍ଧୀସ୍ମୃତି ଭବନରେ ସମ୍ମିଳିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ମଞ୍ଚର ଜିଲା ସଭାପତି ଲକ୍ଷ୍ମୀଧର ବେହେରା, ଆବାହକ ଆବାହକ ପ୍ରଦୀପ ଦାଶଙ୍କ ସମେତ ମହୁ ଅମଲା ନେତା ଯୋଗଦେଇ ବେତନ ଅସଙ୍ଗତି ଦୂର କରିବାରେ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ । ଇତିମଧ୍ୟରେ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ମେଟ୍ରିକରୁ ସ୍ନାତକକୁ ବୃଦ୍ଧି ସାଙ୍ଗକୁ କମ୍ପ୍ୟୁଟର ଶିକ୍ଷାକୁ ବି ବାଧ୍ୟତାମୂଳକ କରାଯାଇଛି । ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସରକାର ଉଚ୍ଚଶିକ୍ଷାଗତ ଯୋଗ୍ୟତା ସ୍ଥିର କଲେ । ମାତ୍ର ୫୦ ବର୍ଷ ପର୍ବର ମେଟ୍ରିକ ଯୋଗ୍ୟତା ଭିତ୍ତିକ ବେତନ ହାର ପରିବର୍ତ୍ତନ ନେଇ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଅମଲାନେତାମାନେ ଆରୋପ କରିଛନ୍ତି । ପ୍ରବେଶିକା ସ୍ତରରେ ୪୨୦୦ ଗ୍ରେଡ ପେ ବା ଲେଭଲ-୯ ଲାଗୁ ପାଇଁ ସଂଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଇଛି । ମାତ୍ର କିଛି ଫଳ ମିଳିନି । ତେବେ ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ମିଳିତ ମଞ୍ଚ କାର୍ଯ୍ୟବନ୍ଦ ଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଅମଲା ଆଜିର ଏହି ବିକ୍ଷୋଭ ତଥା ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଅଂଶୁଘାତରେ ଚାଷୀର ମୃତ୍ୟୁ : ଅନାଥଙ୍କୁ ସହାୟତା ଦାବି

ଜଳେଶ୍ୱର, ୨୧/୪(ନି.ପ୍ର) : ଗତ କିଛିଦିନ ଧରି ରୌଦ୍ରତାପ ଏ ଅଂଚଳରେ ଶୀର୍ଷସ୍ଥାନରେ ପହଞ୍ଚିଥିବାରୁ ପରିସ୍ଥିତି ଜଟିଳ ହୋଇଛି । ବିଲରେ କାର୍ଯ୍ୟ କରୁଥିବା ଜଣେ ଚାଷୀର ଅଂଶୁଘାନ ଜନିତ ମୃତ୍ୟୁ ଘଟିଥିବାର କୁହାଯାଇଛି । ୩ ଦିନ ଧରି ଜଳେଶ୍ୱରର ତାପମାତ୍ରା ୪୧ ଡିଗ୍ରୀ ସେଲସିଏସ୍ ବୋଲି ଜଣାଯାଇଛି । ଅନ୍ୟପକ୍ଷରେ ରାଇବଣିଆରେ ରବିଧାନ ଚାଷ ଅମଳ ଆରମ୍ଭ ହୋଇଛି । ଆବାଳ ବୃଦ୍ଧବନିତା ବିଲରେ ଧାନ ଅମଳରେ ବ୍ୟସ୍ତ ଥିବା ବେଳେ ଆଜି ଜଣେ ଚାଷୀର ମୃତ୍ୟୁ ଘଟିଛି । ବିଲରେ କାର୍ଯ୍ୟ କରୁଥିବା ବେଳେ ପ୍ରବଳ ରୌଦ୍ରତାପ ବେଳେ ଡାଲୁ କିସ୍କୁ (୨୬) ପିତା ସାଗର କିସ୍କୁଙ୍କର ଅଂଶଘାତ ଜନିତ ମୃତ୍ୟୁ ଘଟିଛି । ଦେହରେ ପ୍ରବଳ ଉତ୍ତାପ ଓ ମୁଣ୍ଡ ଯନ୍ତ୍ରଣା ଯୋଗୁଁ ସେ ଜମିରେ ପଡିଯାଇଥିଲେ । ନିକଟ ଜମିରେ କାମ କରୁଥିବା ଚାରଣ ମାରାଣ୍ଡି ଓ ଭୀମ ଚରଣ କିସ୍କୁ ନାମକ ଦୁଇ ଚାଷୀ ଆମ୍ବୁଲାନ୍ସ ମଗାଇ ନିକଟସ୍ଥ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ଚେଷ୍ଟା କରିଥିଲେ । ପରେ ତାଙ୍କ ଦେହ ଶିଥିଳ ହୋଇଯାଇଥିବାରୁ ତାଙ୍କୁ ଜଳେଶ୍ୱର ଜିକେ ଭଞ୍ଜର ହସ୍‌ପିଟାଲକୁ ନେଇ ଯାଇଥିବା ବେଳେ ଡାକ୍ତ ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଛନ୍ତି । ଅନ୍ୟପକ୍ଷରେ ତାଙ୍କର ୬ବର୍ଷର ପୁଅ, ଆସନ୍ନ ପ୍ରସବା ପତ୍ନୀ ଓ ବୃଦ୍ଧ ପିତାମାତା ଥିବାରୁ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବାକୁ ସରପଂଚ ସୁମିତ୍ର ସିଂ ଓ ସଦସ୍ୟ ଗଣେଶ ସରେନ୍‌ଙ୍କ ସହିତ ଅନ୍ୟ ବହୁ ବ୍ୟକ୍ତି ଦାବି କରିଛନ୍ତି ।

## ୫ଟି ବିଦ୍ୟାଳୟର କାର୍ଯ୍ୟ ତଦାରଖ କଲେ ବାଲିଆପାଳ ବିଡ଼ିଓ

ଲଙ୍ଗଳେଶ୍ୱର, ୨୧/୦୪ (ନି.ପ୍ର): ଆସନ୍ତା ମେ ମାସ ୨ତାରିଖ ରେ ଉଦଘାଟିତ ହେବାକୁ ଥିବା ବାଲିଆପାଳ ବ୍ଲକର ୧୬ ଟି ୫ଟି ବିଦ୍ୟାଳର ର ଚାଲୁଥିବା କାର୍ଯ୍ୟକୁ ବୁଲି ତଦାରଖ କରିଛନ୍ତି ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା । ଆଜି କୁଣ୍ଡୁଳି ପଞ୍ଚାୟତର ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ, କ୍ଷେମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟ ଛଡା, ସାଉଡି ପଞ୍ଚାୟତ ର ଗୋବିନ୍ଦପୁର କ୍ଷେତ୍ର ମୋହନ ଉଚ୍ଚ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟ ବୁଲି କାର୍ଯ୍ୟ ତଦାରଖ କରିଥିଲେ । ଉଚ୍ଚମାନର କାର୍ଯ୍ୟ କରିବା, ସହିତ, ସ୍ମାର୍ଟକ୍ଲାସ,



ଶୌଚାଳୟ, ବାଉଣ୍ଡାରି ୱାଲ, ଚଟାଣ, ଖେଳ ପଡିଆ, ସୌନ୍ଦର୍ଜ୍ୟ କାରଣ, ପ୍ରଜେକ୍ଟର ଇତ୍ୟାଦି କାର୍ଯ୍ୟ ଠିକ ଢଙ୍ଗରେ କରି ଆସନ୍ତା୨୮ତାରିଖ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟରେ ସମସ୍ତ ଶିକ୍ଷକ, ଏବଂ ସ୍ଥାନୀୟ ସରପଞ୍ଚ ମନେ ଦାୟିତ୍ୱ ନେବାକୁ ପରାମର୍ଶ ଦେଇଥିଲେ । ବିଡ଼ିଓଙ୍କ ସହିତ କନିଷ୍ଟ ଯନ୍ତ୍ରୀ ପ୍ରଶାନ୍ତ ପ୍ରାମାଣିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ କୁମାର ପାତ୍ର, ଶିକ୍ଷକ, ନିତ୍ୟାନନ୍ଦ ଗିରି, ନିଶାକର ପଣ୍ଡା, ସମାଜସେବୀ ଦୁର୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଆଧାର ନାହିଁ ବୋଲି ମିଳୁନି ଚାଉଳ



ଉଦଳା, ୨୧/୦୪ (ନି.ପ୍ର): ଘଟଣାଟି ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ନୂଆସାହି ଗ୍ରାମର ଅଟେ । ଏହି ଗ୍ରାମର ବାସିନ୍ଦା ଅନନ୍ତ ହେମ୍ବ୍ରମଙ୍କ ପୁତ୍ର ଜୁଗୁଲା ଏପରି ଅଭିଯୋଗ ଟିଏ ଆଣିଛନ୍ତି । ଜୁଗୁଲାଙ୍କୁ ବର୍ତମାନ ବୟସ ୫୧ ବର୍ଷ ଛୁଇଁଲା । ଆଜି ପର୍ଯ୍ୟନ୍ତ ତାଙ୍କର ଆଧାରକାର୍ଡ଼ ନାହିଁ । ଆଧାର କାର୍ଡ଼ ପାଇଁ ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବାରମ୍ବାର ଫୋଟ ଉଠାଇଥିଲେ ମଧ ଆଧାରକାର୍ଡ଼ ପାଇ ପାରି ନାହାଁନ୍ତି ବୋଲି ଜଣାଇଛନ୍ତି । ଆଧାର ନଥିବା ଯୋଗୁଁ ତାଙ୍କୁ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ମିଳିବା କଥା ତାହା ମିଳିପାରୁ ନାହିଁ । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଏକ ଗରିବ ପରିବାର ପାଇଁ ଚାଉଳ କେତେ ଦରକାରୀ ତାହା କେବଳ ଅନୁଭବି ହିଁ ବ୍ୟକ୍ତ କରିପାରେ । ଜୁଗୁଲା ହେମ୍ବ୍ରମଙ୍କୁ ତୁରନ୍ତ ଚାଉଳ ଓ ଆଧାର କାର୍ଡ଼ ଯୋଗାଇ ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

## ଜୟନ୍ତୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟନ୍ତୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ -'ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ଃ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ବିଭିନ୍ନ ସମାଜ ସଂସ୍କାରମୂଳକ କାର୍ଯ୍ୟ ସହ ରାଜ୍ୟର ପ୍ରଗତି ଓ ଦେଶର ସ୍ୱାଧୀନତା ପାଇଁ ତାଙ୍କର ବହୁମୂଲ୍ୟ ଯୋଗଦାନ ସର୍ବଦା ପ୍ରେରଣାର ଉତ୍ସ ।'

## ସୃଜନାକ୍ଷର ସାହିତ୍ୟ ସର୍ଜନାର ମହାମଞ୍ଚ ତରଫରୁ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ 'ନାରୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ

ବାଲେଶ୍ୱର, ୨୧/୦୪ (ନି.ପ୍ର): ଆଜି ପୂର୍ବାହ୍ନ ରେ ସୃଜନାକ୍ଷର ସାହିତ୍ୟ ସର୍ଜନା ର ମହାମ ତରଫରୁ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ଏବଂ ପରିଚାଳନା ସମ୍ପାଦକ ଡ. ବଂଶୀଧର ଚୌଧୁରୀ ମାନପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରି 'ସୃଜନକ୍ଷର ନାରୀ ପ୍ରତିଭା ସମ୍ମାନ'୨୦୨୩ ରେ ସମ୍ବର୍ଦ୍ଧିତ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ,ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଖୁବ କମ ବୟସ ରୁ ଭାରତୀୟ ପୋଲିସ ସେବାରେ ଯୋଗ ଦାନ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ର ପ୍ରେରକ ପାଲଟି ଯାଇଛନ୍ତି ।ନାରୀ ଯେ ଅବଳା ନୁହେଁ କି ଦୁର୍ବଳା ନୁହେଁ, ଏଇ ଅପ୍ରିୟ ସତ୍ୟ କୁ ପ୍ରମାଣ କରିପାରିଛନ୍ତି । ସେ ପଥଭ୍ରଷ୍ଟ ତଥା



ଅସାମାଜିକ ମଣିଷ ମାନଙ୍କ ପାଇଁ କଠୋର ହୋଇଛନ୍ତି ତ; ପୁଣି କେତେବେଳେ ସାମାଜିକ ନ୍ୟାୟ ଦେବା ପାଇଁ ଉଦାର ହୋଇଛନ୍ତି ।ଏହାହିଁ ତାଙ୍କ ବ୍ୟକ୍ତି ଚେତନାର ଦର୍ଶନ ବୋଧ । ଏତତ ବ୍ୟତୀତ ଓଡ଼ିଆ ଭାଷା ଓ ସାହିତ୍ୟ ,ସଂସ୍କୃତି ପ୍ରତି ଆଗେତୁକ ରୁଚି ରଖିଥିବା ଜଣେ ସ-ଶ୍ରଦ୍ଧ ନାରୀ ପ୍ରତଭା ସେ । ସୃଜନାକ୍ଷର ତରଫରୁ ତାଙ୍କୁ ସାରସ୍ୱତ ଶ୍ରୀକ୍ଷେତ୍ର ବାଲେଶ୍ୱର ମାଟିରୁ ପ୍ରଥମ ଥର ପାଇଁ ସମ୍ବର୍ଦ୍ଧିତ ହୋଇଥିବାରୁ ଅନୁଷ୍ଠାନ ର କର୍ମକ ର୍ା ମାନଂକୁ ଧନ୍ୟବାଦ ଦେବା ସଙ୍ଗେସଙ୍ଗେ ସୃଜନାକ୍ଷର ପତ୍ରିକାର ଉ ରୋ ର ଉନ୍ନତି କାମନା କରିଛନ୍ତି ।

## ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ନକରିବାକୁ ଦାବି

ବାରିପଦା, ୨୧/୦୪ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ମୟୁରଭଂଜ ରେ ବସବାସ କରୁଥିବା ଜନସାଧାରଣଙ୍କ ଅବସ୍ଥା ତତଲା କଢେଇରେ ସିଝୁଥିବା ସଦୃଶ ହୋଇଛି । ମୟୁରଭଂଜର ସଦର ମହକୁମା ବାରିପଦା ସହର ଦୁଇ ଦୁଇ ଦିନ ବିଶ୍ୱର ସବୁଠାରୁ ଉତପ୍ତ ସହର ଭାବେ ପରିଗଣିତ ହୋଇଛି. ଗ୍ରୀଷ୍ମ ପ୍ରବାହ କମିବାର ନାମ ଧରୁନାହିଁ ଯଦ୍ୱାରା ରାସ୍ତା ଘାଟ ବଜାର ସବୁ ଫାଙ୍କା ଲାଗୁଛି ଆଉ ଏଥିପାଇଁ ମୁଖ୍ୟତଃ ସବୁଠାରୁ କଷ୍ଟରେ ଦିନ ଅତିବାହିତ କରୁଛନ୍ତି ଗରୀବ ଓ ମଧବିତ ପରିବାର, ଛୋଟ ବଡ଼ ବ୍ୟବସାୟୀ ସଂସ୍ଥା ଗୁଡିକରେ ଦିନରାତି କାର୍ଯ୍ୟରତ କର୍ମଚାରୀ ମାନେ ଏହି



ପରିପ୍ରେକ୍ଷୀରେ ଆଜି ଭଂଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବାରିପଦା ବିଦ୍ୟୁତ ବିଭାଗ ସୁପରିଟେଣ୍ଡେଟ ଇଂଜିନିୟରଙ୍କୁ ଭେଟି ଆଗାମୀ ଦୁଇ ମାସ ମଧରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ବିଲ ପୈଠ ହୋଇଥାଉ ଅଥବା ନହେଇ ଥାଉ କିମ୍ବା ଅନ୍ୟ କୌଣସି ଇସ୍ୟୁ ଥିଲେ ମଧ ବିଭାଗ ପକ୍ଷରୁ ଆଦୌ ବିଦ୍ୟୁତ ସଂଯୋଗ କଟା ନଯିବା, ଚବିଶ ଘଣ୍ଟା ବିଦ୍ୟୁତ ସେବା ଯୋଗାଇଦିଆଯିବା ଏବଂ ଲୋ ଭୋଲଟେଜ ସମସ୍ୟା ଦୂର କରାଯିବା ଆଦି ଦାବୀ କରିଥିବାର ଜଣାଯାଇଛି ।

## ଜାନକୀ ବାବୁ ଯୁବକମାନଙ୍କ ପ୍ରେରଣାର ଉତ୍ସ ଥିଲେ

ଭୁବନେଶ୍ୱର, ୨୧/୦୪ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ରାଜ୍ୟପାଳ, ପଞ୍ଚା ପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅବସରରେ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ରାଜ୍ୟ ଅଧକ୍ଷ ତଥା ପିସିସି ମୁଖପାତ୍ର ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଏକ ଶ୍ରାଦ୍ଧ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବିଶିଷ୍ଟ ସନ୍ଥ ସ୍ୱାମୀ ଶିବଚିଦାନନ୍ଦ ମହାରାଜ ବେଦମନ୍ତ୍ର ପାଠକରି ସ୍ୱର୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବାରେ ପରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ଜାନକୀ ବାବୁ ଯୁବକମାନଙ୍କ ପ୍ରେରଣାର ଉତ୍ସଥିଲେ । ଯୁବକମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାପାଇଁ ସେ ହଜାର ଦିନରେ ହଜାର କୋଟି ଟଙ୍କାର ହଜାର ଶିଳ୍ପର ଆହ୍ୱାନ ଦେଇଥିଲେ । ସେହି ଭିତିଭୂମି ଉପରେ ବର୍ତମାନର ଶିଳ୍ପ ତିଷ୍ଟି ରହିଛି । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ପ୍ରସାଦ ସେଠୀ କହିଲେ ଯେ ଜାନକୀ ବାବୁ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ନଥିଲେ । ଓଡ଼ିଶାବାସୀଙ୍କ ହୃଦୟର କଥାକୁ ସେ ଜାଣି ପାରୁଥିଲେ । ତଳେ ପଡ଼ିଥିବା ସାଧାରଣ ମଣିଷର ଉନ୍ନତିପାଇଁ ସେ ନୂତନ କାର୍ଯ୍ୟକ୍ରମ ମାନ ହାତକୁ ନେଉଥିଲେ । ପିସିସି ଉପସଭାପତି ଶ୍ରୀ ଶିବାନନ୍ଦ ରାୟ କହିଲେ ଯେ ସ୍ୱର୍ଗତ ଜାନକୀ ବାବୁଙ୍କ ଦୃଢ଼ ନିଷ୍ପତି ଯୋଗୁଁ ଓଡ଼ିଶାର ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ବିଶେଷ ଭାବରେ ଭୁବନେଶ୍ୱର ରାଜଧାନୀକୁ ଏକ ଉନ୍ନତ ରାଜଧାନୀ ଭାବେ ଗଢ଼ିତୋଳିବାରେ ତାଙ୍କର ଉଦ୍ୟମକୁ କେହି ଭୁଲିପାରିବେ ନାହିଁ । ସ୍ୱର୍ଗତ ଜାନକୀ ବାବୁଙ୍କ ଶ୍ରୀ ପୃଥିବୀବଲ୍ଲଭ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ କଂଗ୍ରେସ ଲୋକଙ୍କୁ ସେ ନିଜ ପରିବାର ଭଳି ଭାବୁଥିଲେ ଓ ଅତ୍ୟନ୍ତ ଧୈର୍ଯ୍ୟଶିଳ ଥିଲେ । କୌଣସି କଥାରେ ତାଙ୍କର ଧୈର୍ଯ୍ୟଚ୍ୟୁତି ହେଉନଥିଲା । ଶେଷରେ ସାଧାରଣ ସଂପାଦକ ଶ୍ରୀ ଚିନ୍ମୟ ସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଦିବସଟି ସ୍ମରଣୀୟ ଅଟେ : ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ

ଉଦଳା, ୨୧/୦୪ (ନି.ପ୍ର): ମେଘାସନ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଶେଷ ବର୍ଷ ଛାତ୍ର ଛାତ୍ରୀ ମାନଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ବସନ୍ତ କୁମାର ପାତ୍ର ଉତ୍ସବରେ ଅଧ୍ୟକ୍ଷତା କରି ଆଜିର କାର୍ଯ୍ୟକ୍ରମର ରୂପ ରେଖ ସମ୍ପର୍କରେ ଅବଗତ କରାଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଜିର ଦିବସଟି କିପରି ସାରା ଜୀବନ ପାଇଁ ଏକ ମନେ ରଖିବାର ଦିବସ, ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଅଧାପକ ନକୁଳ ଜେନା, ଅଧାପିକା ସ୍ମିତା ରାଜ ଓ ଗ୍ରନ୍ଥାଗାରିକ ମନୋରଂଜନ ମଲ୍ଲିକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ



ଛାତ୍ର ଜୀବନ ହିଁ ଜୀବନର ସବୁଠାରୁ ମୂଲ୍ୟବାନ ସମୟ ଅଟେ । ଏହି ସମୟରେ ଯେଉଁ ଜ୍ଞାନ ଆହୋରଣ କରାଯାଇଥାଏ ତାହା ସାରା ଜୀବନ କାମରେ ଆସିଥାଏ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ବିଦାୟୀ ଛାତ୍ର ଛାତ୍ରୀ ମାନେ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ଯାହାକି ଥିଲା ଖୁବ୍ ହୃଦୟ ସ୍ପର୍ଶୀ । ବିଦାୟୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅଧାପିକା ଦୁଲି ହେମ୍ବ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ଆମେ' ଆନୁକୂଲ୍ୟରେ କବି ବାଞ୍ଛାନିଧି ଜୟନ୍ତୀ

ଭଦ୍ରକ, ୨୧/୦୪ (ନି.ପ୍ର): ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୬ତମ ପୂଣ୍ୟ ଜୟନ୍ତୀ ଭଦ୍ରକର ପ୍ରମୁଖ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ "ଆମେ' ପକ୍ଷରୁ ଅନୁଷ୍ଠିତ ଅମାବାସ୍ୟା ଆସରରେ ପାଳିତ ହୋଇଯାଇଛି । ଭଦ୍ରକ ମହାବିଦ୍ୟାଳୟ ନିକଟସ୍ଥ ପ୍ରଜ୍ଞା ପୀଠ ଠାରେ "ଆମେ"ର ପ୍ରତିଷ୍ଠାତା ପ୍ର. ଅଟଳ ବିହାରୀ ନାୟକଙ୍କ ସଂଚାଳନାରେ ଓ ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବାସୁଦେବପୁର ଉଚ୍ଚ ବିଦ୍ୟାଳୟର ସେବା ନିବୃତ୍ତ ଆଦର୍ଶ ଶିକ୍ଷକ ବିଷ୍ଣୁମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ଡ.



ଭାନୁମତି ମାଟିଆ ଓ ପଣ୍ଡିତ ଦୟାନିଧି ମିଶ୍ର ଯୋଗଦେଇ କବି ସ୍ୱର୍ଗତ ମହାନ୍ତିଙ୍କ କବିତା କିପରି ଭାବେ ସ୍ୱାଧିନତା ସଂଗ୍ରାମକୁ ନୂତନ ମୋଡ ଦେଇଥିଲା ତାହା ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧରେ ମଞ୍ଜୁଳ ମଞ୍ଜରୀ ଶିଶୁ ମନ୍ଦିରର ସମ୍ପାଦକ ତଥା ସେବା ନିବୃତ୍ତ ବ୍ୟାଙ୍କ ଅଧିକାରୀ ବସନ୍ତ ମହାନ୍ତି, ଅବସରପ୍ରାପ୍ତ ଅଧକ୍ଷ ଡ. ସୁଧିର ଜେନା, ପ୍ର. କୃପାସିନ୍ଧୁ ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ପୁରୁଷୋତ୍ତମ ଓଝା, ଫେକର କମ୍ପାନୀର ପ୍ରାକ୍ତନ ଡିଜିଏମ ଗଙ୍ଗାଧର ମଲ୍ଲିକ, ନାଟ୍ୟ ସଂଯୋଜକ କାଳନ୍ଦୀ ମଲ୍ଲିକ, ଅରୂପ ନାୟକ, ରଜତ ସାହୁ, ଶିବାନନ୍ଦ ଦାସ, ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ଅମିତ ନାୟକଙ୍କ ସମେତ ଭଦ୍ରକ ମହାବିଦ୍ୟାଳୟର ବହୁ ବାଞ୍ଛାନିଧି ପ୍ରେମୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଂଜୟ ଚକ୍ରବର୍ତ୍ତୀ, ମାଧବୀଲତା ନାୟକ, ତନୁଶ୍ରୀ ନାୟକ, ଆଦ୍ୟାଶା ନାୟକ, ଆରାଧନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, କବିଙ୍କ ପ୍ରିୟ ସଗୀତ 'କି ହେବ ଏ ସ୍ୱରାଜ ଘେନି', 'ଗାଓ ସ୍ୱାଧିନ ସ୍ୱାଧିନ ଭାରତ, ସ୍ୱାଧିନ ସ୍ୱାଧିନ ସ୍ୱାଧିନରେ' ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଶେଷରେ ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo